

# କଟକ ସିଟି

## ନିର୍ଦ୍ଦିଷ୍ଟ ମାମଲାର ଅଭିଯୁକ୍ତ ଅନ୍ୟ ମାମଲାରେ ଆଗୁଆ ଜାମିନ ଆବେଦନ କରିପାରିବେ

କଟକ, ୧୭ ।୪(ସମିସ): ନିର୍ଦ୍ଦିଷ୍ଟ ମାମଲାଗୁଡ଼ିକରେ ଗିରଫ ହୋଇଥିବା ଜଣେ ବ୍ୟକ୍ତି ଅନ୍ୟ ଏକ ପୃଥକ ମାମଲାରେ ଆଗୁଆ ଜାମିନ ଆବେଦନ କରିବାରେ କୌଣସି ପ୍ରତିବନ୍ଧକ ନାହିଁ। ଯଦି ଆଗୁଆ ଜାମିନ ମଞ୍ଜୁର ହୁଏ ତେବେ ପୂର୍ବ ମାମଲାରେ ଜେଲରୁ ମୁକ୍ତ ହେବା ପରେ ହିଁ ଅଭିଯୁକ୍ତଙ୍କ କ୍ଷେତ୍ରରେ ଏହା ଲାଗୁ ହୋଇପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସେହିପରି ଯଦି ପୂର୍ବ ମାମଲାରେ ଜେଲରେ ଥିବା ବେଳେ ଯଦି ତଦନ୍ତକାରୀ ସଂସ୍ଥାକୁ



ସମ୍ପୃକ୍ତ ଅଭିଯୁକ୍ତକୁ ରିମାଣ୍ଡରେ ନେବା ପାଇଁ ନିର୍ଦ୍ଦେଶ ରହିତାଏ, ତା'ହେଲେ ଏକ୍ଷେତ୍ରରେ ଅଭିଯୁକ୍ତ ଆଉ ଆଗୁଆ ଜାମିନ ପାଇଁ ଆବେଦନ କରି ପାରିବେ ନାହିଁ ଓ ସେ ନିୟମିତ ଜାମିନ ଲୋଡ଼ି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏସ.କେ.ଷଡଙ୍ଗୀ, ପ୍ରଥମ ପାତ୍ରଙ୍କ ପକ୍ଷରୁ ଦାୟର ପୃଥକ ଆଗୁଆ ଜାମିନ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଏହି ପ୍ରସଂଗରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସୁରକ୍ଷା ପାଇଁ ରହିଥିବା ଆଇନରେ ରୁଜୁ ମାମଲାରେ ଆଗୁଆ ଜାମିନ ପ୍ରଦାନ ଉପରେ କଟକଣା ରହିଛି। ଏଭଳି କେତେକ ନିର୍ଦ୍ଦିଷ୍ଟ ପ୍ରସଂଗରେ ଆଗୁଆ ଜାମିନ ଆବେଦନ ଗ୍ରହଣୀୟ ନୁହେଁ; କିନ୍ତୁ ଗୋଟିଏ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ତାଙ୍କ ବିରୋଧରେ ରୁଜୁ ଅନ୍ୟ ନୂଆ ମାମଲାରେ ସିଆରପିସିର ଧାରା ୪୩୮ ରେ ଆଗୁଆକ ଜାମିନ କରିବାରେ ପ୍ରତିବନ୍ଧକ ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଯାତ୍ରାରୁ ଫେରୁଥିଲେ, ହାତୀ ନେଲା ପ୍ରାଣ

ଆଠଗଡ଼, ୧୭।୪(ସମିସ): ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କାଣ୍ଡମୁଗୁରୀ ଗ୍ରାମର ଗାମିଆ ହାନାଗା (୫୯)। ମଙ୍ଗଳବାର ବିଳମ୍ବିତ ରାତିରେ ସେ ଯାତ୍ରା ଦେଖି ଘରକୁ ଫେରୁଥିବା ସମୟରେ ମସ୍ୟପୁରଠାରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ଖୁଣ୍ଟୁଣୀ ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟୁଣୀ ପୁଲିସ ଉପସ୍ଥିତିରେ ଶବ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଆଇନ ଅନୁଯାୟୀ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ୫ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ



କଟକ, ୧୭ ।୪(ସମିସ): ଗଞ୍ଜେଇ ଚୋରା ଚାଲାଣ ବେଳେ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଛି ମାଲଗୋଦାମ ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା କନ୍ଧମାଳ ଜିଲା ସଦର ଥାନା ଅନ୍ତର୍ଗତ ବିଶିପଦା ଗ୍ରାମର ଅମରେଶ ସାହାନି ଓରଫ ଅମୁ(୪୫)। ତା' ନିକଟରୁ ସାଢ଼େ ୫କିଲୋ ଗଞ୍ଜେଇ ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତ ଅମୁ ହାତରେ ଏକ ଜରି ବ୍ୟାଗଧରି ମାଲଗୋଦାମ ଫ୍ଲାଏଓଭର ନିକଟରେ ବୁଲୁଥିଲା। ତାର ଏଭଳି ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ସୂଚନା ପାଇବା ପରେ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପିଟି ଗଣେଶ ସାହୁ ତାଙ୍କ ଟିମ ସହ ସେଠାରେ ତୁରନ୍ତ ଚଢଉ କରିଥିଲେ। ତଲାସି ନେବାରୁ ଅମୁ ଧରିଥିବା ବ୍ୟାଗରୁ ୫.୫କିଲୋ ଗଞ୍ଜେଇ ମିଳିଥିଲା। ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ କନ୍ଧମାଳ ଅଞ୍ଚଳରୁ ବସ୍‌ଯୋଗ ଗଞ୍ଜେଇ ଆଣି କଟକର ଜଣେ ବେପାରୀକୁ ଦେବା ପାଇଁ ଆସିଥିଲା ବୋଲି ସୂଚନା ଦେଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଅମକୁ ଗିରଫ କରିବା ସହିତ କୋର୍ଟଚାଲାଣ କରିଥିଲା।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

କଟକ, ୧୭ ।୪(ସମିସ): ବ୍ରାଉନସୁଗର ନେଇ ଯାଉଥିବା ଜଣେ ବେପାରୀକୁ ଆଜି ୪୨ମୌଜା ଥାନା ପୁଲିସ ଗିରଫ କରିଛି। ତା'ନିକଟରୁ ୨୦ଗ୍ରାମ ବ୍ରାଉନ୍‌ସୁଗର ଜବତ ହୋଇଛି। ଏହାଛଡ଼ା ସେ ନେଇ ଯାଉଥିବା ଏକ ଅଟୋକୁ ମଧ ଜବତ କରାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତଜଣକ ଜଣେ ଅଟୋ ଚାଳକ ଏବଂ ନିଶାଦ୍ରବ୍ୟ ବେପାରୀ ହୋଇଥିବା ଜଣାପଡ଼ିଛି। ତେବେ ତାକୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଜାରି ରହିଥିବାରୁ ଅଧିକ ତଥ୍ୟ ଦେବାକୁ ପୁଲିସ ଅନିଚ୍ଛା ପ୍ରକାଶ କରିଛି। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତଜଣକ ଧଳାଜହର ଧରି ଅଟୋରେ ୪୨ମୌଜା ଝିଙ୍କିରିଆ ଅଞ୍ଚଳକୁ ଯାଉଥିବା ନେଇ ସୂଚନା ମିଳିଥିଲା। ଏହାପରେ ପୁଲିସ ସେଠାକୁ ଯାଇ ଜଗିରହିଥିଲା। ସୂଚନା ଅନୁଯାୟୀ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ଏକ ଜରି ପୁଡିଆରେ ଧଳାଜହର ମିଳିଥିଲା। ତଦ୍‌ନୁଯାୟୀ ତାହାକୁ ଜବତ କରାଯିବା ସହିତ ଅଟୋଚାଳକକୁ ଗିରଫ କରାଯାଇଥିଲା। ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଗିରିଶଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି



ଆନନ୍ଦ ଭବନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଲେ ବିଜେଡି ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର



ଆନନ୍ଦ ଭବନରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂହ, ବାରବାଟୀ କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟମାନେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

### ଏସ୍‌ସିବି ସମ୍ପ୍ରସାରଣ ପ୍ରକ୍ରିୟାର ପ୍ରଥମ କୋଠା ହେଲା କାର୍ଯ୍ୟକ୍ଷମ

# ନୂଆ କୋଠାରେ କେନ୍ଦ୍ରୀୟ ରକ୍ତଭଣ୍ଡାର

କଟକ, ୧୭ ।୪(ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଅଧୀନରେ ଏସ୍‌ସିବି ସମ୍ପ୍ରସାରଣ ତଥା ଏମ୍ସ ପ୍ଲସ୍ ହସ୍ପିଟାଲ୍ ନିମନ୍ତେ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ସମ୍ପ୍ରସାରଣ କାର୍ଯ୍ୟକୁ ଖୁବଶୀଘ୍ର ଶେଷ କରାଯାଉଛି। ଆଜି ଠାରୁ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ନୂତନ କୋଠାରେ କାର୍ଯ୍ୟକ୍ଷମ ହୋଇଛି। ସମ୍ପ୍ରସାରଣ କାର୍ଯ୍ୟର ପ୍ରଥମ ବିଲ୍ଡିଂ ଭାବେ ଏହା କାର୍ଯ୍ୟକ୍ଷମ ହେଉଥିବା ଜଣାପଡ଼ିଛି। ବୋସ୍ କ୍ୟାମ୍ପସ ନିକଟରେ ତିଆରି ହୋଇଥିବା ନୂତନ କୋଠାରେ ଏହାକୁ ସ୍ଥାନାନ୍ତରିତ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ, ଉନ୍ନତମାନର ବ୍ୟବସ୍ଥା ସହ ନୂଆ ଢାଞ୍ଚାରେ ଏହା ଲୋକଙ୍କୁ ସେବା ଯୋଗାଇଦେବ। ଏ ସମ୍ପର୍କରେ ରକ୍ତଭଣ୍ଡାର ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦଙ୍କୁ ପଚାରିବାରୁ ସେ କହିଛନ୍ତି ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଯୋଗୁଁ ପୁରାତନ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାରକୁ ଭଙ୍ଗା ଯିବ ବୋଲି କୁହାଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ନୂତନ ରକ୍ତ ଭଣ୍ଡାର ବୋସ୍ କ୍ୟାମ୍ପସ ନିକଟରେ ତିଆରି କରାଯାଇ ହସ୍ତାନ୍ତର କରାଯାଇଛି। ଏଠାରେ ରକ୍ତ ପରୀକ୍ଷା ପାଇଁ ନୂଆ ମେସିନ ଆସିଛି। ସେହିପରି ଥାଲାସେମିଆ ରୋଗୀଙ୍କ ପାଇଁ ୱାର୍ଡ ବ୍ୟବସ୍ଥା କରାଯାଉଛି। ରକ୍ତ ପାଇଁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

ରକ୍ତଭଣ୍ଡାର ସ୍ଥାନ ପରିବର୍ତ୍ତନ ହେବା ପରେ ଜନସାଧାରଣଙ୍କ ପାଇଁ ନୂଆ ଠିକଣା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ୍ କର୍ତ୍ତୃପକ୍ଷ ସାଧାରଣ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ଏସ୍‌ସିବିରୁ ରକ୍ତଭଣ୍ଡାରକୁ ଯିବା ପାଇଁ ନଦୀବନ୍ଧ ରାସ୍ତାରେ ଯିବାକୁ ହେବ। ନଚେତ୍ ଯୋବ୍ରା ଦେଇ ଆସିବାକୁ ହେବ। ଏପଟେ ରିଂ ବନ୍ଧରୁ ରକ୍ତଭଣ୍ଡାରକୁ ଯେଉଁ ରାସ୍ତା ସଂଯୋଗ କରୁଛି, ତାକୁ ପକ୍କା ରାସ୍ତା କରାଯାଇ ନବୀକରଣ କରାଯିବାକୁ ଯୋଜନା କରାଯାଇଛି। ଯାହା ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଏଥିସହ ପାର୍କିଂ ସ୍ଥାନ ଓ କର୍ମଚାରୀମାନେ ୨୪ଘଣ୍ଟିଆ ସେବା ପ୍ରଦାନ କରୁଥିବାରୁ କ୍ୱାର୍ଟର୍ ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାକୁ ରକ୍ତଭଣ୍ଡାର ନିର୍ଦ୍ଦେଶକଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। କେନ୍ଦ୍ରୀ ରକ୍ତଭଣ୍ଡାର ରାଜ୍ୟର ସର୍ବପୁରାତନ ରକ୍ତ ଭଣ୍ଡାର। ଏହାର ବାର୍ଷିକ କ୍ଷମତା ୬୦ ହଜାର ୟୁନିଟ୍‌ରେ ପହଞ୍ଚିଲାଣି। ଏଠାରେ ରକ୍ତର ସମସ୍ତ ପୃଥକୀକରଣର ପ୍ରକ୍ରିୟା ଦ୍ୱାରା ପ୍ଲାଜମା, ପ୍ଲେଟ ପିଆରବିସି ତିଆରି କରିବାର ବ୍ୟବସ୍ଥା ରହିଛି। ସମସ୍ତ ରକ୍ତ ଅତ୍ୟାଧୁନିକ ଅଟୋମେଟିକ୍ ପଦ୍ଧତିରେ ଗ୍ରୁପିଂ ଓ କ୍ରସ୍ ମ୍ୟାଚିଙ୍ଗ୍ କରାଯାଇ ଟେଷ୍ଟ କରାଯାଇପାରିବ। କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ଗ୍ରୁପିଂ ଓ କ୍ରସ ମ୍ୟାଚିଂ ପାଇଁ ଏକ ଅତ୍ୟାଧୁନିକ ମେସିନ କିଣା ଯାଇଛି। ଏଥିରେ ଥରକରେ ୧୫୦ ରକ୍ତ ନମୁନା ପରୀକ୍ଷା ହୋଇପାରିବ। ପୂର୍ବରୁ ସେମି ସ୍ୱୟଂଚାଳିତ ପ୍ରକ୍ରିୟାରେ ରକ୍ତ ପରୀକ୍ଷା ଓ କ୍ରସ ମ୍ୟାଚିଂ କରାଯାଉଥିଲା। ହେଲେ ଏହି ମେସିନ ଆସିବ ପରେ କୌଣସି କର୍ମଚାରୀ ଏଥିରେ ଆଉ ହସ୍ତକ୍ଷେପ କରିବେ ନାହିଁ। ରକ୍ତ ପରୀକ୍ଷାରେ ମନୁଷ୍ୟକୃତ ତ୍ରୁଟି ଏଡାଇବା ପାଇଁ ଏହି ମେସିନ ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ପ୍ରାୟ ୫୦ ଲକ୍ଷ ଟଙ୍କାରେ ଏହି ମେସିନ୍ କିଣାଯାଇଛି।

ରକ୍ତ ଭଣ୍ଡାରରେ କାର୍ଯ୍ୟକାରୀ କରାଯାଉଛି ବାରକୋଡ ବ୍ୟବସ୍ଥା। ରକ୍ତ ପାଇଁ ଆସୁଥିବା ରୋଗୀ ଓ ରକ୍ତ ଦାତାଙ୍କ ତଥ୍ୟ ଅନଲାଇନ୍‌ରେ ଯୋଗାଇ ଦିଆଯାଉଛି। ରୋଗୀଙ୍କ ଡାକ୍ତରୀ ଚିଠାରେ କେନ୍ଦ୍ର ପକ୍ଷରୁ ବାରକୋଡ ଲଗାଯାଉଛି। ଏହାପରେ ସମସ୍ତ ତଥ୍ୟ ୱେବ୍‌ସାଇଟ୍‌ରେ ମିଳି ପାରିବ। ସେହିପରି କେଉଁ ଗ୍ରୁପ ଓ କେତେ ପରିମାଣର ରକ୍ତ ଭଣ୍ଡାରରେ ମହଜୁଦ ଅଛି ତାର ତଥ୍ୟ ଇ- ରକ୍ତ କୋଷ ୱେବସାଇଟରେ ମିଳିବ। ଏପରିକି ରକ୍ତ ଆଉ ଜଣଙ୍କ ଠାରେ ଲାଗିବା ପରେ ରକ୍ତଦାତାଙ୍କ ମୋବାଇଲକୁ ମେସେଜ ଯିବ। ସେହିପରି ରକ୍ତଦାନ ସମୟ ହେବା ପୂର୍ବରୁ ରକ୍ତଦାତାଙ୍କୁ ରକ୍ତଦାନ ନିମନ୍ତେ ସୂଚନା ଦିଆଯିବ।

ଅନ୍ୟପଟେ ସ୍ୱତନ୍ତ୍ର ଥାଲାସେମିଆ ୱାର୍ଡ ଖୋଲାଯିବ। ସ୍ୱତନ୍ତ୍ର ଭାବରେ ଥାଲାସେମିଆ ୱାର୍ଡ଼ ନିର୍ମାଣ ଚାଲିଛି। ଏଥିରେ ୩୦ଟି ବେଡ଼ ରହିବ। ପୂର୍ବରୁ ଏହି କେନ୍ଦ୍ରରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରାଯାଉଛି। ବର୍ତ୍ତମାନ ପ୍ରାୟ ୮୦୦ ରୋଗୀ ଏଠାରେ ଚିକିତ୍ସିତ ହେଉଛନ୍ତି। ହେଲେ ଅନେକ ଚିକିତ୍ସାରୁ ବଞ୍ଚିତ ହୋଇ ଫେରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ୱାର୍ଡ଼ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। କେନ୍ଦ୍ର ପଛ ପଟେ ଏଥିପାଇଁ ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ଏହା ସମ୍ପୂର୍ଣ୍ଣ ହୋଇଗଲେ ଅଧିକ ରୋଗୀ ଉପକୃତ ହେବେ ବୋଲି ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଜିଲ୍ଲା ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ତିରୋଧାନ ଦିବସ




କଟକ, ୧୭।୪(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଦୋଳମୁଣ୍ଡାଇ ଠାରେ ସାଧାରଣ ସମ୍ପାଦକ (ସଂଗଠନ) ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆୟୋଜିତ ସ୍ମୃତିଚାରଣ ସଭାରେ ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ବାରବାଟୀ-କଟକର ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ଅର୍ବାନ ବ୍ୟାଙ୍କ ସଭାପତି ପ୍ରଫୁଲ୍ଲ ମହାପାତ୍ର, ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ବେହେରା, ପୂର୍ବତନ ଉପନଗରପାଳ ସ୍ମିତା ମୂଳିଆ, ରାଜ୍ୟ ଓ ଜିଲ୍ଲା କର୍ମକର୍ତ୍ତା ପ୍ରକାଶ ସିଂ, ବିଜୟ ବେହେରା, ମହମ୍ମଦ ସକିଲ୍, ଜନସନ୍ ମହାପାତ୍ର, ତନ୍ମୟ ରାୟ, ଯୁଧିଷ୍ଠିର ବିଶ୍ୱାଳ, ରାଜେନ୍ଦ୍ର ରଣା, ରମାକାନ୍ତ ଲେଙ୍କା, ଅଶୋକ ବେହେରା, ଦେବେନ୍ଦ୍ର କାହାଳୀ ପ୍ରମୁଖ ଉପସ୍ଥିତ ରହିଥିଲେ। କଟକ ମହାନଗର ନଗର ସାଧାରଣ ସମ୍ପାଦକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଇଚ୍ଛାବତୀ ରଥଙ୍କ ୯୫ତମ ଜନ୍ମଦିନ ଉତ୍ସବ

କଟକ, ୧୭।୪(ସମିସ)

କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯୫ତମ ଜନ୍ମଦିନ ଉତ୍ସବ ପବିତ୍ର ଅଶୋକାଷ୍ଟମୀରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତାଙ୍କ ନାମରେ ନାମିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ 'ଇଚ୍ଛାବତୀ ଛାତ୍ରୀ ନିବାସ'ରେ ବିଶେଷ ଉତ୍ସବ ଆୟୋଜନ କରାଯାଇଥିଲା। ଛାତ୍ରୀନିବାସର ଅନ୍ତେବାସୀ ମା' ଇଚ୍ଛାବତୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ମାଲ୍ୟାର୍ପଣ ସହ ତାଙ୍କର ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସୁପୁତ୍ର ତଥା ମୁଖ୍ୟପୁରୋଧା ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ, ଜାମାତା ତଥା ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମା' ଇଚ୍ଛାବତୀଙ୍କ ଧର୍ମପରାୟଣତା, ସେବା, ପରୋପକାର ଓ ଶ୍ରଦ୍ଧାଶୀଳ ମନୋଭାବର ସ୍ମୃତିଚାରଣ କରି କିଭଳି ସେ ତାଙ୍କର ଜନ୍ମଦିନରେ 'ଡ୍ରିମ୍‌ସ'କୁ ଆସି ଛାତ୍ରଛାତ୍ରୀଙ୍କୁ ପ୍ରାର୍ଥନା ଜରିଆରେ ଭଲ ମଣିଷ ହେବାକୁ ଦିଗ୍‌ଦର୍ଶନ ଦେବା ସହିତ କଲ୍ୟାଣ କରୁଥିଲେ ତାହା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଲୋକନାଥ ବେହେରା, ସଚିବ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଛାତ୍ରୀ ନିବାସ ଅଧୀକ୍ଷକ ପ୍ରାଧ୍ୟାପିକା ସାଗରିକା ନାୟକ, ପ୍ରଦୀପ ଷଡଙ୍ଗୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ କେକ୍ କଟା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏତଦ୍‌ବ୍ୟତୀତ କଏରାପାରୀ ସ୍ଥିତ ଦୁର୍ଗାଙ୍କ ମନ୍ଦିରରେ ରଥ ପରିବାର ପକ୍ଷରୁ ଦୀପଦାନ ଓ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ପ୍ରଦାନ କରାଯାଇଥିଲା।



## ରାମନବମୀରେ ଶ୍ରଦ୍ଧାଳୁଙ୍କ ଭିଡ଼

କଟକ, ୧୭ ।୪(ସମିସ): ସହରରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଦିନ ଓ ରାମନବମୀ ଅବସରରେ କଟକର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଭୋର ୪ଟାରୁ ସହରର ରାମମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ରାମନ୍ଦିରରେ ସକାଳ ୭ଟାରେ ପ୍ରଭୁ ରାମଙ୍କର ଶୃଙ୍ଗାର ଆରତି କରାଯାଇଥିଲା। ଏହା ପରେ ସକାଳ ୧୦ଟାରୁ ରାମଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ୧୨ଟାରୁ ଠାକୁରଙ୍କ ଜନ୍ମୋତ୍ସବ ଆରତି ଓ ଅଭିଷେକ କରାଯାଇଥିଲା। ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଭଗବାନ ରାମଙ୍କ ଉଦ୍ଦେଶ୍ୟରେ ଭଜନକୀର୍ତ୍ତନ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବସରରେ ରାମଭକ୍ତମାନେ ପ୍ରଭୁ ହନୁମାନଙ୍କ ପତାକା ଧରି ଏକ ବଡ଼ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।







# ଆଠଗଡ଼ରେ ପୁଣି ଶକ୍ତି ପ୍ରଦର୍ଶନ କଲେ ସଂତୃପ୍ତ ଓ ରଣେନ୍ଦ୍ର







**ଆଠଗଡ଼/ତିଗିରିଆ,୧୭ ।୪(ସମିସ)**

ଓଡ଼ିଶାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇପାରିଛି। ଏହି ବିକାଶ ପ୍ରକ୍ରିୟାକୁ ଜାରି ରଖିବାକୁ ହେଲେ ଆଗାମୀ ଉପସ୍ଥିତ ଜନସାଧାରଣ ଓ କର୍ମୀଙ୍କୁ ନିବେଦନ କରିଛନ୍ତି। ସେହିଭଳି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୁଦ୍ଧରେ ତୀବ୍ର ଭର୍ତ୍ସନା କରିବା ସହ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି କେବଳ ବାହାସ୍ଫୋଟ ବୋଲି ଅଭିହିତ କରିଥିଲେ। ଦେଶ ତଥା ରାଜ୍ୟରେ

- ୨ ନଂ ଜୋନ୍‌ରେ ବିଶାଳ ବାଇକ ଶୋଭାଯାତ୍ରା ଓ ସଭା
- ଓଡ଼ିଶାର ବିକାଶଧାରା ବଜାୟ ରଖିବ ବିଜେଡି



ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ଜିତାଇବା ସହ ବିଜେଡି ପ୍ରାର୍ଥୀଙ୍କୁ ପୂର୍ଣ୍ଣମାତ୍ରାରେ ସମର୍ଥନ କରିବା ପାଇଁ କଟକ ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଖୁଣ୍ଟୁଣୀସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ଉପରମୁହାଁ ଥିବା ଦରଦାମ ନିୟନ୍ତ୍ରଣ ଓ ଦୁଇଲକ୍ଷ ଚାକିରି ଦେବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଫେଲ ହୋଇଛି ବୋଲି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗତ ୨୪ବର୍ଷ ମଧ୍ୟରେ ରାଜ୍ୟରେ ବିକାଶର ଧାରା ବୃଦ୍ଧି ପାଇଛି ଓ ଆସନ୍ତା ଦିନରେ ଏହି ବିକାଶର ଧାରା ବଳବତ୍ତର ରହିବ ବୋଲି ମନ୍ତବ୍ୟ ଦେଇଥିଲେ। ଏହି ସଭାରେ ଆଠଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨ନଂ ଜିଲ୍ଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ବିଜୁ ଯୁବ ଜନତା ଦଳ ସଭାପତି ବିନୋଦ ମାଝୀ, ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରୀୟ ମହାନ୍ତି, କଟକ ଜିଲ୍ଲା ବିଜୁ ଜନତା ଦଳ ସଂପାଦକ ଲଳିତେନ୍ଦୁ ମହାପାତ୍ର, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ନାରୀନେତ୍ରୀ ମିତାଲି ରାଉତଙ୍କ ସମେତ ୨ନଂ ଜୋନ୍‌ର ସମସ୍ତ ସରପଞ୍ଚ, ସମିତିସଭ୍ୟ ତଥା ବରିଷ୍ଠ ବିଜେଡି କର୍ମୀମାନେ ଉପସ୍ଥିତ ରହି ଦଳ ପାଇଁ ଭୋଟ ଭିକ୍ଷା କରିଥିଲେ।

ସୂଚନାଯୋଗ୍ୟ ଯେ, ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ୍ ନଂ-୨ରେ ଆଜି ବିଜେଡି ପକ୍ଷରୁ ପୁଣି ନିଜର ଶକ୍ତି ପଦର୍ଶନ କରାଯିବା ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ୨ନଂ ଜୋନ୍‌ର ୧୦ ହଜାରରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥକଙ୍କ ଉପସ୍ଥିତି ବିରୋଧୀ ଶିବିରରେ ଛନକା ସୃଷ୍ଟି କରିଛି। ବିଜୁ ଜନତା ଦଳର କଟକ ଲୋକସଭା ପ୍ରାର୍ଥୀ ଶ୍ରୀ ମିଶ୍ର ଓ ଆଠଗଡ ବିଧାନସଭା ପାଇଁ କ୍ରମାଗତ ୮ମ ଥର ବିଜେଡି ଟିକେଟ ପାଇଥିବା ଶ୍ରୀ ସ୍ୱାଇଁ ଆଜି ପ୍ରଚାର ଅଭିଯାନକୁ ଜୋରଦାର କରିଥିଲେ। ସକାଳ ୭ଟା ସମୟରେ କୁସ୍ୱଙ୍ଗି ନିକଟସ୍ଥ ଆରାଧ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୀଠରେ ପୂଜାର୍ଚ୍ଚନା କରି ପ୍ରାୟ ବହୁ ଦଳୀୟ କର୍ମୀଙ୍କ ସହ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ନେଇ ପ୍ରଚାର କ୍ଷେତ୍ରକୁ ଓହ୍ଲାଇଥିଲେ। ଏପରିକି ଶୋଭାଯାତ୍ରା ଯେତିକି ଆଗକୁ ବଢୁଥିଲା ସେହି ଅନୁସାରେ ଦଳୀୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାର ଦେଖିବାକୁ ମିଳିଥିଲା। ଏକ ସୁସଜ୍ଜିତ ଗାଡିରେ ସାଂସଦ ପ୍ରାର୍ଥୀ ଶ୍ରୀ ମିଶ୍ର ଓ ଶ୍ରୀ ସ୍ୱାଇଁ କୁସ୍ୱଙ୍ଗି ଠାରୁ ପହିଲାବର, ଜେମାଦେଇପୁର, ବାଳି, ଛଅଗାଁ, ଗୁରୁଡିଝାଟିଆ, ରାଧାକିଶୋରପୁର, ରାଧାକୃଷ୍ଣପୁର, କଣ୍ଡରେଇ, ଖୁଣ୍ଟୁଣୀସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ।

## ବିଜେଡି ପର୍ଯ୍ୟବେକ୍ଷକଙ୍କ ବୈଠକ

**ଚୌଦ୍ୱାର,୧୭।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ପରିଚାଳନା କରିବା ପାଇଁ ଚୌଦ୍ୱାର ପୌରପାଳିକାରେ ବିଜେଡି ପକ୍ଷରୁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ପୌରାପାଳିକାର ୧୯ଟି ୱାର୍ଡର ପର୍ଯ୍ୟବେକ୍ଷକଙ୍କ ଏକ ବୈଠକ ସ୍ଥାନୀୟ ହାଉସିଂବୋର୍ଡ ସ୍ଥିତ ଯଯାତି କେଶରୀ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ୧ନଂ ୱାର୍ଡରୁ ୫ନଂ ୱାର୍ଡ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରେମଚାନ୍ଦ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୱାର୍ଡ ନଂ ୬, ୭, ୮, ୧୧, ୧୨ର ଦାୟିତ୍ୱ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ୯, ୧୦, ୧୭, ୧୮, ୧୯ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ୧୩,୧୪, ୧୫ ଓ ୧୬ନଂ ୱାର୍ଡର ଦାୟିତ୍ୱ ନଗର ସଭାପତି ବିଷ୍ଣୁ ଚରଣ ପରିଡାଙ୍କୁ ଦିଆଯାଇଛି। ସେହିପରି ମୁଖ୍ୟ ପର୍ଯ୍ୟବେକ୍ଷକ ଅଧୀନରେ ଦଳ ତରଫରୁ ୩୮ଜଣ ପର୍ଯ୍ୟବେକ୍ଷକଙ୍କୁ ନିର୍ବାଚନ ସମୟରେ ଦଳର ହାଲଚାଲ ଓ ୱାର୍ଡ ଗୁଡିକରେ ଥିବା ଲୋକଙ୍କ ସମସ୍ୟା ବୁଝିବା ପାଇଁ ନିୟୋଜିତ କରାଯାଇଛି। ମଙ୍ଗଳବାର ବିଭିନ୍ନ ୱାର୍ଡର କାଉନସିଲର ଓ ୱାର୍ଡ ସଭାପତିଙ୍କୁ ନେଇ ବିଶେଷ ଆଲୋଚନା କରାଯିବା ସହିତ ଆଗାମୀ ରଣନୀତି ସଂପର୍କରେ ଆଲୋଚନା କରାଯାଇଥିଲା।

## ଭାଗବତ ପ୍ରଚାରକ ଧ୍ରୁବ ମହାନ୍ତିଙ୍କ ପରଲୋକ



**ଟାଙ୍ଗୀ,୧୭ ।୪(ସମିସ):** କଟକ ଜିଲ୍ଲାରେ ଭାଗବତ ଗୃହର ପୁନରୁଦ୍ଧାର ଓ ଭାଗବତ ଗ୍ରନ୍ଥର ପ୍ରଚାର ପ୍ରସାର ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଧ୍ରୁବ ଚରଣ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ୬୮ ବର୍ଷ ବୟସରେ ହୃଦରୋଗରେ ଆକ୍ରାନ୍ତ ହୋଇ ମଙ୍ଗଳବାର ମୃତ୍ୟୁବରଣ କରିଛନ୍ତି। ଖବରପାଇ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଶତାଧିକ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ମାଧବ ଚରଣ ମହାନ୍ତି ମୁଖାଗ୍ନି ଦେଇଥିବାବେଳେ ପରିବାର ଜ୍ଞାତି କୁଟୁମ୍ବ ପ୍ରମୁଖ ଉପସ୍ଥିତ ଥିଲେ।

## ଖଜୁରୀପଦା ଡବଲ ମର୍ଡର ଘଟଣା | ଦୁଇ ଜେଲ୍ ଫେରନ୍ତା ଯୁବକଙ୍କ ଆତଙ୍କ

**ବାଙ୍କୀ,୧୭।୪(ସମିସ):** ୨୦୦୦ ମସିହା ଫେବୃୟାରୀ ୧୫ତାରିଖରେ ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ନୂଆଁ ଗାଁ ଗ୍ରାମ ପଞ୍ଚାୟତ ଖଜୁରୀପଦା ଗ୍ରାମରେ ହୋଇଥିବା ଡବଲ ମର୍ଡର ଘଟଣାରେ ସଂପୃକ୍ତ କେତେକ ବ୍ୟକ୍ତି ଗ୍ରାମରେ ହଙ୍ଗମା ସୃଷ୍ଟି କରିବା ସହିତ ଗ୍ରାମକୁ ଭିନ୍ନ ଭିନ୍ନ ସମୟରେ ଆସି ବିପକ୍ଷ ଗୋଷ୍ଠୀର ଲୋକଙ୍କୁ ଭୟଭୀତ କରି ମାରଧର କରୁଥିବା ସ୍ଥାନୀୟ ବୈଦ୍ୟେଶ୍ୱର ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପଣା ସଂକ୍ରାନ୍ତି ଅବସରରେ ନୂଆ ଗାଁରେ ହୋଇଥିବା ଝାମୁ ଯାତ୍ରା ଦେଖିବାକୁ ଡବଲମର୍ଡର ଘଟଣାରେ ଜାମିନରେ ଆସିଥିବା ୨ଜଣ ଯୁବକ ଯାଇଥିଲେ। ସେମାନେ ଗ୍ରାମରେ ଝାମୁଯାତ୍ରା ଦେଖି ବେଗୁନିଆ ଥାନା ଧଳାପଥର ଠାରେ ଥିବା ସମୟରେ ହତ୍ୟାକାଣ୍ଡର ଶିକାର ହୋଇଥିବା ମହିଳା ସରପଞ୍ଚଙ୍କ ସ୍ୱାମୀ ଭଗବାନ ପ୍ରଧାନଙ୍କ ପରିବାରର ୨ଜଣ ଯୁବକ ଧଳାପଥର ଆସିଥିବା ବେଳେ ସେଠାରେ ଜାମିନରେ ଥିବା ୨ଯୁବକ ତାଙ୍କୁ ଗାଳିଗୁଲଜ କରିଥିଲେ ବୋଲି ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ ହୋଇଛି। ସଂପୃକ୍ତ ଯୁବକ ଦ୍ୱୟ ଦୀପୁ ପ୍ରଧାନ ଓ ପପୁ ପ୍ରଧାନ ଭଗବାନଙ୍କ ପିଲାଙ୍କୁ ଗାଳି କରିବା ପରେ ଗାଁକୁ ଯାଇ ଏ ବିଷୟ କହିବା ପରେ କିଛି ଯୁବକ ଧଳାପଥର ଆସି ଦୀପୁ ଓ ପପୁକୁ ନିସ୍ତୁକ ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଏ ସଂପର୍କରେ ଶୈଳବାଳା ବେହେରା ସ୍ଥାନୀୟ ବୈଦ୍ୟେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୈଦ୍ୟେଶ୍ୱର ପୁଲିସ ମାମଲା ରୁଜୁ କରିବା ସହ ଏହା ଉପରେ ନଜର ରଖିଛି ବୋଲି ଥାନାଧିକାରୀ ପ୍ରିୟରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ସୂର୍ଯ୍ୟ ଲାଇଭ୍ ୟୁଟ୍ୟୁବ ଚାନେଲ ଲୋକାର୍ପିତ

**ନିଶ୍ଚିନ୍ତକୋଇଲି,୧୭।୪(ସମିସ):** ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବିଭିନ୍ନ ଆଞ୍ଚଳିକ ସମସ୍ୟା, ଐତିହାସିକ କିମ୍ବଦନ୍ତୀ, ଦେବାଦେବୀ ପୀଠର ପାରମ୍ପରିକ ନୀତିକାନ୍ତି ଓ ସଫଳ ବ୍ୟକ୍ତିତ୍ୱଙ୍କ ପରିଚୟ ସୃଷ୍ଟି କରିବା ପାଇଁ ସୂର୍ଯ୍ୟ ଲାଇଭ୍ ୟୁଟ୍ୟୁବ୍ ଚାନେଲ ଲୋକାର୍ପିତ ହୋଇଛି। ସମ୍ପ୍ରତି ସମୟକୁ ଆଖି ଆଗରେ ରଖି ଯୁବପିଢୀଙ୍କୁ ସରଳ ଉପାୟରେ ଆଞ୍ଚଳିକସ୍ତରରେ ଟିକିନିଖି ଖବର ଜଣାଇବା ପାଇଁ ଏ ଅଞ୍ଚଳର ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତଙ୍କ ପରିକଳ୍ପନାରେ ଏହି ଚାନେଲ ଆରମ୍ଭ ହୋଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସଭାଗୃହରେ ଚାନେଲର ସଂଯୋଜକ ଶ୍ରୀ ରାଉତଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଖଗେଶ୍ୱର ମହାନ୍ତି, ସମ୍ମାନୀତ



ଅତିଥିଭାବେ ନବୋଦୟ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କବି ଫକୀର ଚରଣ ନାୟକ, ଶିକ୍ଷକ ନେତା ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ସାହିତ୍ୟିକ ଶାରଦାପ୍ରସନ୍ନ ମିଶ୍ର, ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା, ଭୂମିପୁତ୍ର ସାହିତ୍ୟ ସଂସଦ ସଭାପତି ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁ କବି ମହେନ୍ଦ୍ର ଘଡ଼ାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ଡ.ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ପ୍ରମୋଦ ପରିଡ଼ା, ସାମ୍ବାଦିକ ଦେବେନ୍ଦ୍ର ଷଡଙ୍ଗୀ, ସାମ୍ବାଦିକ ଜଗନ୍ନାଥ ପଣ୍ଡା, ସାମ୍ବାଦିକ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନଈରେ ବିଷ ପକାଇ ମାଛ ମାରିଦେଲେ ଦୁର୍ବୃତ୍ତ

- କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍ଏଚ୍‌ଜି ମହିଳାଙ୍କ ଦାବି



**ବାଙ୍କୀ,୧୭।୪(ସମିସ):** ଡମପଡ଼ା ବ୍ଲକ ରହଣିଆ ଓ ତୁଡୁଆ ନଈରେ କେତେକ ଦୁର୍ବୃତ୍ତ ବିଷ ପକାଇବା ଫଳରେ ମାଛଗୁଡିକ ମରିଯାଇଛନ୍ତି। ବାଙ୍କୀ ଥାନା ଅଧୀନରେ ଥିବା ଗୋପାଳପୁର ପଞ୍ଚାୟତର ମା'ଚର୍ଚ୍ଚିକା ଓ ମା'ସନ୍ତୋଷୀ ମହିଳା ଗୋଷ୍ଠୀର ସଭ୍ୟାମାନେ ପୋଖରୀ ନିଲାମ ନେଇ ମାଛ ଚାଷ କରି ନିଜର ଜୀବିକା ନିର୍ବାହ କରୁଥିଲେ। କେତେକ ଦୁର୍ବୃତ୍ତ ବାରମ୍ବାର ରହଣିଆ ଓ ତୁଡୁଆ ନଈରେ ବିଷ ପକାଇବା ଫଳରେ ମାଛଗୁଡିକ ପୋଖରୀରେ ମରି ଭାସୁଥିବା ଅଭିଯୋଗ ହୋଇଛି। ଏହି ୨ଟି ମହିଳା ଗୋଷ୍ଠୀର ସଦସ୍ୟାମାନେ ନ୍ୟାୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗପତ୍ର ଦେବା ସହିତ ଘଟଣାର ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମହିଳା ଗ୍ରୁପର କର୍ମକର୍ତ୍ତାମାନେ ହତୋତ୍ସାହ ହୋଇପଡିଛନ୍ତି। ମା'ଚର୍ଚ୍ଚିକା ମହିଳା ଗ୍ରୁପର ସଭାପତି ସନ୍ଧ୍ୟାରାଣୀ ସାହୁ, ଉପସଭାପତି ସରୋଜିନୀ ରଣା, ମା'ସନ୍ତୋଷୀ ମହିଳା ଗ୍ରୁପର ଝିଲି ରଣା ପ୍ରମୁଖ ବାଙ୍କୀ ଉପଜିଲ୍ଲାପାଳଙ୍କୁ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ରାମନବମୀ ଉତ୍ସବ

**ନିଶ୍ଚିନ୍ତକୋଇଲି,୧୭।୪(ସମିସ)**






ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ କେଣ୍ଟାଲୋ ପଞ୍ଚାୟତ ମଲ୍ଲିପୁର ଗ୍ରାମରେ ଥିବା ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏହି ଯାତ୍ରାରେ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବ୍ରହ୍ମ ମୁହୂର୍ତ୍ତରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ପ୍ରଥମେ ମଙ୍ଗଳାର୍ପଣ ପରେ ପାରମ୍ପାରିକ ଜନ୍ମୋତ୍ସବ ନୀତି, ହୋମଯଜ୍ଞ, ନାଭିଛେଦନ, ମହାସ୍ନାନ, ନୂତନ ବସ୍ତ୍ର ପରିଧାନ କରାଯିବା ପରେ ଶ୍ରୀ ରଘୁନାଥଜୀଉଙ୍କୁ ରୂପାଖଚିତ ସିଂହାସନରେ ଅଧିଷ୍ଠିତ କରାଯାଇଥିଲା। ଏହାପରେ ପ୍ରଭୁଙ୍କ ବାଲ୍ୟ ଧୂପ, ଅନୋଳୀ ଧୂପ, ମହାଆଳତୀ କରାଯିବା ପରେ ଟ୍ରଷ୍ଟ ବୋଡର୍ ପକ୍ଷରୁ ପ୍ରସ୍ତୁତି ହୋଇଥିବା ବିଭିନ୍ନ ପ୍ରକାର ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ମୁଖ୍ୟ ଫାଟକ ଖୋଲାଯିବା ପରେ ଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ପୂର୍ବାହ୍ନ ୬ଟାରେ ଦିବ୍ୟ ଦର୍ଶନ ଦେଇଥିଲେ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଭକ୍ତଙ୍କ ମାନସିକ ବାଣ ଫୁଟା କାର୍ଯ୍ୟକ୍ରମକୁ ଏକ ନିଷିଦ୍ଧାଞ୍ଚଳରେ ପୂର୍ଣ୍ଣ ସୁରକ୍ଷା ବଳୟରେ ବ୍ୟାରିକେଡ କରାଯାଇ ଲାଇସେନ୍ସ ପ୍ରାପ୍ତ ବାଣୁଆଙ୍କ ଦ୍ୱାରା ଶୃଙ୍ଖଳିତ ଭାବେ କରାଯାଇଥିଲା। ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଯାତ୍ରା କମିଟିର ସଭା ଏବଂ ମ୍ୟାନେଜିଂ ବୋଡର୍‌ର ସଭ୍ୟମାନେ ଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମାହାଙ୍ଗା ବିଧାୟକ ପ୍ରତାପ ଜେନା,

- ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା
- ମୁଖ୍ୟ ଆକର୍ଷଣ ମାନସିକ ବାଣ ଫୁଟା

ସମାଜସେବୀ ପ୍ରମୋଦ ସାହୁ, ଦେବୋତ୍ତର ବିଭାଗ ଅତିରିକ୍ତ ସହକାରୀ କମିଶନର ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ପୂର୍ବତନ ଲୋକାୟୁକ୍ତ କମିଶନର ଶୋଭନ କର, ବିଜେଡ଼ି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦାନ କରିଥିଲେ। ଏହାଛଡ଼ା ନିଶ୍ଚିନ୍ତକୋଇଲି ରଘୁନାଥ ମଠ ଶ୍ରୀରାମ ମନ୍ଦିର, ପାଟପୁର ଶ୍ରୀରାମ ମନ୍ଦିର, କୁଳିଆ ରଘୁନାଥ ମଠ ଶ୍ରୀରାମ ମନ୍ଦିରରେ ମଧ୍ୟ ସମାରୋହରେ ଶ୍ରୀରାମ ନବମୀ ଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଚୌଦ୍ୱାର :** ଚୌଦ୍ୱାର ସହର ଓ ଏହାର ଆଖପାଖ ଅଞ୍ଚଳରେ ପବିତ୍ର ରାମନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଓଟିଏମ୍ କଲୋନୀସ୍ଥିତ ବ୍ୟାଘ୍ର ବାହିନୀଙ୍କ ପୀଠରେ ୨ଦିନ ଧରି ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମାଙ୍କର ଷୋଡ଼ଶ ଉପଚାର ପୂଜା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେବୀ ଦର୍ଶନ ସହିତ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଆୟୋଜିତ ଆନନ୍ଦ ବଜାରରେ ବହୁ ସଂଖ୍ୟାରେ ଭକ୍ତ ଅଂଶଗ୍ରହଣ କରିଥିଲେ। ଇମ୍ପା କଲୋନୀସ୍ଥିତ ଶ୍ରୀରାମ ମନ୍ଦିରରେ ପୂଜା ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଛି। ସେହିପରି ୧୭ନଂ ୱାଡର୍ ନୂଆସାହିସ୍ଥିତ ହନୁମାନ ମନ୍ଦିର, ଜେଲ କଲୋନୀ ଓ ଚୌଦ୍ୱାର ଜେଲ ପରିସରସ୍ଥ ଶ୍ରୀରାମ ମନ୍ଦିରରେ ରାମନବମୀ ଉତ୍ସବ ପାଳିତ ହୋଇଛି। ବ୍ରାହ୍ମଣ ସାହିରେ ରାମଲୀଳା ପରିଷଦ ପକ୍ଷରୁ ରାମନବମୀ ଉତ୍ସବ ପାଳିତ ହୋଇଛି।

**ସାଲେପୁର :** ପବିତ୍ର ଶ୍ରୀରାମ ନବମୀ ଅବସରରେ ଜଗତପୁରରୁ ସାଲେପୁର ପର୍ଯ୍ୟନ୍ତ ଏକ ବିଶାଳ ମୋଟରସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ସେବା ସମିତିର ସଭାପତି ଯୁବନେତା ରଶ୍ମିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବକ ଦଳବର୍ଣ୍ଣ ନିର୍ବିଶେଷରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ମୋଟରସାଇକଲ୍ ଶୋଭାଯାତ୍ରାରେ ଜଗତପୁରରୁ ବାହାରି ପାଗା, ନାନ୍ଦୋଳ, ଶିଶୁଆ, ମାଛୁଆତି ଓ ସାଲେପୁର ବଜାର ପରିକ୍ରମା କରି ହାଟ ଦୁର୍ଗାମଣ୍ଡପଠାରେ ଶେଷ ହୋଇଥିଲା। ଏଥିରେ ଭଗବାନ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ପବନସୂତ ହନୁମାନଙ୍କ ବେଶ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ବିଭିନ୍ନ ଛକ ବଜାର ମାନଙ୍କରେ ଶ୍ରୀରାମ ର୍‌ୟାଲିକୁ ଫୁଲ ଓ ବନ୍ଦାପନା କରାଯାଇ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ସୁରେଶ ପଣ୍ଡା, ଶରତ ଚନ୍ଦ୍ର ପରିଡ଼ା, ସୌମ୍ୟରଞ୍ଜନ ମିଶ୍ର, ମହତାବ ବାରିକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତ୍ୟୁଷ ଦାଶ, ତାପସ ମିଶ୍ର, ଅଞ୍ଜନ ସାହୁ, ଗୌତମ ସାହୁ, ସୌମ୍ୟରଞ୍ଜନ ବେହେରା, ଗଣେଶ୍ୱର ମହାନ୍ତି, ତ୍ରିଲୋଚନ ପାତ୍ର, ହରେକୃଷ୍ଣ ରାଉତରାୟ, କୈଳାସ ଓଝା, ଗୌରାଙ୍ଗ ସାହୁ, ରଶ୍ମିରଞ୍ଜନ ପରିଡ଼ା, ରାଷ୍ଟ୍ରୀୟ ବଜରଙ୍ଗ ଦଳ ସେନାର କଟକ ଜିଲ୍ଲା ସଭାପତି ନାରାୟଣ ଭୂୟାଁ, ସାଲେପୁର ସଭାପତି ଅଭିଷେକ ପଣ୍ଡାଙ୍କ ସମେତ ବହୁ ଯୁବକମାନେ ଯୋଗଦେଇଥିଲେ। ଶ୍ରୀରାମ ନବମୀ ଅବସରରେ ବିଭିନ୍ନ ରାମନବମୀ ଅବସରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ସ୍ନାନ ଓ ବେଶ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସାଲେପୁର ସାହେଶ୍ୱରୀ ପୀଠ, କୁଳିଆ ମଠ, ସମେତ ବିଭିନ୍ନ ରାମମନ୍ଦିରମାନଙ୍କରେ ନାହିଁ ନ ଥିବା ଭକ୍ତମାନଙ୍କର ଭିଡ଼ ଲାଗିରହିଥିଲା।

**ବଡମ୍ବା :** ପ୍ରାଣଯୋଗ ପ୍ରତିଷ୍ଠାନ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ନବମୀ ପର୍ବ ପାଳନ କରାଯାଇଛି। ପ୍ରାତଃ କାଳରେ ଶ୍ରୀରାମ ଜନ୍ମତିଥି ବେଦଯଜ୍ଞ ହୋଇଛି। ସନ୍ଧ୍ୟାରେ ଶ୍ରୀରାମଙ୍କ ଚରିତ୍ର, ଆଦର୍ଶ ସମ୍ପର୍କ ଆଲୋଚନା ସହ ସନ୍ଥ ତୁଳସୀ ଦାସଙ୍କ ରଚିତ ଗ୍ରନ୍ଥ ଶ୍ରୀରାମଚରିତ ମାନସ ପଠନ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନ ଓ କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନମାଳୀପୁର ଶିଶୁ ଶିକ୍ଷା କେନ୍ଦ୍ରର ସମ୍ପାଦକ ଦୀପକ ବେଜ, ମହିମା ଆଶ୍ରମର ଭକ୍ତ ଚରଣ ବେହେରା, ମାଣିଆ ବନ୍ଧ କଲେଜର ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର, ଜୀବନ ବୀମା ଉପଦେଷ୍ଟା ବିଜୟ ମିଶ୍ର, ସେବା ରହିତ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ସ୍ୱାସ୍ଥ୍ୟକର୍ମୀ ଜହ୍ନରୂପା ମଲ୍ଲିକ, ବୈଜୟନ୍ତୀ ମହାରଣା, ଶିକ୍ଷାବିତ ପ୍ରବୋଧ ସାମଲ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

### ୨୭ତମ ତିରୋଧାନ ଦିବସରେ ବିଜେଡିର ଶ୍ରଦ୍ଧାଞ୍ଜଳି

# ବିଶ୍ୱ ଦରବାରରେ ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ବାବୁ


ଟାଙ୍ଗୀ


କଟକ


ନିଆଳି


ଚୌଦ୍ୱାର


ଫୁଲନଖରା


ନିଶ୍ଚିନ୍ତକୋଇଲି

**ଟାଙ୍ଗୀ,୧୭ ।୪(ସମିସ)**

ଆଜି ସାରା ରାଜ୍ୟରେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସେହିକ୍ରମରେ ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବିଜେଡି ତରଫରୁ ଟାଙ୍ଗୀ ହାଟ ପଡ଼ିଆରେ ସ୍ୱର୍ଗତ ବିଜୁବାବୁଙ୍କ ତିରୋଧାନ ଦିବସ ବୁଧବାର ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଓ ଜୟଶ୍ରୀ ପ୍ରଧାନ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ସୁବୋଧ ସାମଲ, ଆମ୍ରା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସଂଗ୍ରାମ କିଶୋର ମହାନ୍ତି, ଗୋବିନ୍ଦ ଦାସ, ସରପଞ୍ଚ ତାପସ୍ୱି ନାରାୟଣ ସାହୁ, ନିବାସ ଚନ୍ଦ୍ର ପାଣ୍ଡବ ପ୍ରମୁଖ ବିଜୁବାବୁଙ୍କ ଜୀବନୀ ଏବଂ ଓଡିଶା ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ବିଧାୟକ ଶ୍ରୀ ବେହେରାଙ୍କ ସହ ଶତାଧିକ ବିଜୁ ପ୍ରେମୀ ଭଟିମୁଣ୍ଡା ନିକଟସ୍ଥ ବିରୂପା ନଦୀରେ ତିଳ ତର୍ପଣ କରି ବିରାଟ ଶୋଭାଯାତ୍ରାରେ ଟାଙ୍ଗୀ ହାଟ ପଡ଼ିଆରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୩ଟି ପଞ୍ଚାୟତର ସଭାପତି, ସରପଞ୍ଚ, ସମିତିସଭ୍ୟ, ମହିଳା ଗୋଷ୍ଠୀ ଓ ଶତାଧିକ ବିଜେଡି କର୍ମୀମାନେ ଯୋଗଦେଇଥିବା ବେଳେ ଯୁବ ସଂଗଠକ ଶାରଦା ପ୍ରସନ୍ନ ମହାନ୍ତି, ଗୋପାଳ ଲେଙ୍କା, ପରମଜିତ ମହାନ୍ତି, ଆଶିଷ ଷଡ଼ଙ୍ଗୀ ଓ ସାଗର କର ପ୍ରମୁଖ ସହଯୋଗ କରିଥିଲେ।

**କଟକ:** କଟକ ସଦର ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଆ ଜାତିର ସ୍ୱାଭିମାନ, ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କଟକ ସଦର ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କନ୍ଦରପୁର ପଞ୍ଚାୟତର ଅଥଙ୍ଗା ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଲୀ, ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲ୍ଲା ଉପସଭାପତି ସମର ବେହେରା, ଆମ୍ରା ଅଧ୍ୟକ୍ଷ ରଜନୀକାନ୍ତ ସାହୁ, କନ୍ଦରପୁର ସରପଞ୍ଚ ସୁଭାଷିନୀ ରାଉତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ମିଶନ ଶକ୍ତି ସଂଯୋଜକ ଶରତ ରାୟ, ପୂର୍ବତନ ସରପଞ୍ଚ ଯତୀନ ରାଉଳ, ପ୍ରଫୁଲ୍ଲ ଭୋଇ, ତ୍ରିଲୋଚନ ସ୍ୱାଇଁ, ଯୁବନେତା କାଳିନ୍ଦୀ ଚରଣ ସ୍ୱାଇଁ, ରଞ୍ଜିତ ପାତ୍ର, ସଞ୍ଜୀବ ବେଉରା, ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ସଞ୍ଜୟ ସାହୁ, ହିମାଂଶୁ ଦାସ, ମାଣିଆ ବେହେରା, ବୀରବର ଲେଙ୍କା, ହୃଦାନନ୍ଦ ଆଚାର୍ଯ୍ୟ, ନାରୀନେତ୍ରୀ ସରୋଜିନୀ ମହାପାତ୍ରଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଅପରାହ୍ନରେ ବିରିବାଟି ସ୍ଥିତ ତାରିଣୀ ମନ୍ଦିରଠାରୁ ଏକ ବିରାଟ ମୋଟରସାଇକଲ ଶୋଭାଯାତ୍ରା ଆରମ୍ଭ ହୋଇ ଧର୍ମ ନିରପେକ୍ଷତାର ବାର୍ତ୍ତା ବହନ କରି ସମଗ୍ର କନ୍ଦରପୁର ଜୋନର ୬ଟି ପଞ୍ଚାୟତ ପରିଭ୍ରମଣ କରି ଶେଷରେ ଫକିରପଡାଠାରେ ଶେଷ ହୋଇଥିଲା।

**ନିଆଳି:** ନିଆଳି ବ୍ଲକ୍ ବିଜୁ କୃଷକ ସାମ୍ମୁଖ୍ୟ ଆନୁକୂଲ୍ୟରେ ବୁଧବାର ସାହୁ ପ୍ୟାଲେସ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ଜନନାୟକ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ନିଆଳି ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶତାଧିକ ମହିଳା ଯୋଗଦେଇଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫେସର ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ବିଜୁ ପଟ୍ଟନାୟକଙ୍କୁ ଏ ଜାତି ସବୁଦିନ ପାଇଁ ମନେ ରଖିବ ବୋଲି କହିଥିଲେ। ସେ କେବଳ ଓଡ଼ିଶାର ନେତା ନ ଥିଲେ ବରଂ ଦେଶ ଓ ଦେଶ ବାହାରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଉତ୍ସବରେ ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଜିଲ୍ଲାପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର ଓ ଦେବାଶିଷ ଷଡ଼ଙ୍ଗୀ, ନିଆଳି ବ୍ଲକ୍ ମିଶନଶକ୍ତି ମହାସଂଘର ସମ୍ପାଦିକା ସତ୍ୟସ୍ମିତା ପାଣି, ବ୍ଲକ୍ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ଓ ପ୍ରଭାକର ରାଉତ, ସଂଗଠକ ଅତୁଲ୍ୟ ଜେନା, ଅବିନାଶ ପ୍ରଧାନ, ପ୍ରମୋଦ ବେହେରା, ପରିକ୍ଷୀତ ବାରିକ, ଜଟାଧାରୀ ସ୍ୱାଇଁ, ପ୍ରଦୀପ ନନ୍ଦ, ପ୍ରଭାକର ପରିଡ଼ା, ମିଲୁଚରଣ ବେହେରା, କାଳନ୍ଦୀ ପୃଷ୍ଟି, ବାବୁରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

**ଚୌଦ୍ୱାର:** ଚୌଦ୍ୱାରରେ ସକାଳେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଲୋକ ଶୋଭାଯାତ୍ରାରେ ଯାଇ ବିରୂପା ଘାଟରେ ତିଳତର୍ପଣ କରିବା ସହ ବ୍ୟାରେଜ ନିକଟସ୍ଥ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲ୍ଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ରାଜ୍ୟ ଯୁଗ୍ମ ସଂପାଦକ ଅର୍ଜୁନ ପଣ୍ଡା, ଜିଲ୍ଲା ସମ୍ପାଦକ ସୁବ୍ରତ ସାମଲ, ଯୁବ ସଭାପତି ସାରଦା ରଞ୍ଜନ ପରିଜା, ନାରୀନେତ୍ରୀ କବିତାରାଣୀ ଲେଙ୍କା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ, ଅଶୋକ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପରେ ଓଟିଏମ୍ ପରିବା ମାର୍କେଟସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମସ୍ତ ପୌର କାଉନ୍ସିଲର, ବହୁ ସଂଖ୍ୟାରେ ଛାତ୍ର ଯୁବକ, ମହିଳା ଓ ବରିଷ୍ଠ ନାଗରିକ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁ ସଦନର ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ୧୦ନମ୍ବର ୱାଡର୍‌ର ବିଜୁ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ, ସ୍ଥାନୀୟ କାଉନ୍ସିଲର ବିଜୟ ମଲ୍ଲିକ, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷା ମାଲ୍ୟାର୍ପଣ କରିଥିଲେ।

**ଆଠଗଡ଼:** ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଶ୍ରାଦ୍ଧ ଦିବସ ଅବସରରେ ଆଠଗଡ଼ ବିଜୁ ଜନତା ଦଳ ପକ୍ଷରୁ ଧବଳେଶ୍ୱର ଘାଟ ଠାରେ ଓଡିଶାର ଗଙ୍ଗା ମହାନଦୀରେ ତିଳତର୍ପଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯୁବନେତା ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜୁ ବାବୁଙ୍କ ଅସୀମ ସାହାସ ଉଚ୍ଚ ଚାନ୍ତାଧାର ସ୍ୱାଭିମାନୀ ସମୃଦ୍ଧ ଓଡିଶା ଗଠନ ପାଇଁ ସବୁବେଳେ ଚିନ୍ତା କରୁଥିଲେ ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ରନାଥ ରାଉତ, ନୃସିଂହ ଚରଣ ମହାପାତ୍ର, ତିନି ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମଞ୍ଚେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପିୟବ୍ରତ ସାହୁଙ୍କ ସମେତ ବିଜୁ ଜନତା ଦଳର ଛାମୁଆ କର୍ମୀ ଯୋଗ ଦେଇଥିଲେ।

**ଫୁଲନଖରା:** ନିଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ନଂ ଜୋନ୍ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତର କୋଲ୍ଡଷ୍ଟୋର ପଡିଆ ପରିସରରେ ବିଜୁ କୃଷକ ସାମ୍ମୁଖ୍ୟ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ଓ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସାଧାରଣ ସଂପାଦକ ଅକ୍ଷୟ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ଭୋଇ, ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲଖଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସମୀର ସାମନ୍ତରାୟ, ଶଶିଭୂଷଣ ଦାଶ, ଶୋଭନ ମହାପାତ୍ର, ପୁଷ୍ପଲତା ପାତ୍ର, ସାଧନା ଜେନା, ବିଶ୍ୱରଞ୍ଜନ ସାହୁ, ଅଜୟ ସାମଲ, ସ୍ଥାନୀୟ ସରପଞ୍ଚ ସୁରେଶ ଭୋଇ, ସମିତିସଭ୍ୟ ସତ୍ୟବ୍ରତ ଜେନା, ବୈକୁଣ୍ଠ ବେହେରା, ବେଣୁଧର ମୂଳିଆ, ଗଗନ ବିହାରୀ ଜେନା, ବିଜୟ ସାହୁ, ସରପଞ୍ଚ ନରୋତ୍ତମ ଦାସ, ଅଶୋକ ଦାସ ଯୋଗଦେଇଥିଲେ। ୩୩ନଂ ଜୋନ୍‌ର ୮ଟି ପଞ୍ଚାୟତର ବିଜୁ ଯୁବ ଛାତ୍ର, ମହିଳା ଓ ବରିଷ୍ଠ କର୍ମୀ ଏବଂ ବିଜୁପ୍ରେମୀ ଉପସ୍ଥିତ ଥିଲେ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ବାବୁଙ୍କ ୨୭ତମ ବାର୍ଷିକ ପୁଣ୍ୟତିଥି ଦିବସ ପାଳିତ ହୋଇଛି। ସରପଞ୍ଚ ମଧୁସ୍ମିତା ରାଉତଙ୍କ ସଂଯୋଜନାରେ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ବିଜୁ ବାବୁଙ୍କ ଅବୟବ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏକ ସ୍ମୃତିସଭାରେ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ରାଉତ, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଯୁବନେତା ଜାନକୀବଲ୍ଲଭ ଦାସ, ଦୀପକ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଭରତଚନ୍ଦ୍ର ଦାସ, ରାଜକିଶୋର ନାୟକ, ପ୍ରହ୍ଲାଦ ଦାସ, ଶିବପ୍ରସାଦ ବେହେରା, ଶଙ୍କର ଦଳାଇ, ତାପସ ଦାସ, ସୁବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ନିଶ୍ଚିନ୍ତକୋଇଲି ବଉଳ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଏବଂ ବରପଡ଼ା ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଓ ତରତ ଛକ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।


ଟିଗିରିଆ

**ଟିଗିରିଆ:** ପୂର୍ବତନ ମୁଖ୍ୟମନ୍ତ୍ରୀ, ଭାରତ ରତ୍ନ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ମହାପ୍ରୟାଣ ଦିବସ ବୁଧବାର ଟିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ୍ ଧିରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସଂଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ତଥା ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗୀରଥି ନନ୍ଦ, କୃଷକ ନେତା ଗୌରହରି ପରିଡା, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ରଘୁନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ଭାଗବତ ମେଳା ଓ ସମ୍ବର୍ଦ୍ଧନା ସଭା

**ଫୁଲନଖରା,୧୭।୪(ସମିସ):** କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ଶ୍ରୀ ତ୍ରିନାଥାୟ ନମଃ ଯୁବ ପରିଷଦ ମହାଭୋଇ ମଞ୍ଚ ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ଭାଗବତ ମେଳା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ସୁକାନ୍ତ ଭୋଇ ମୁଖ୍ୟଅତିଥି ଭାବରେ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସିନେ କଳାକାର ରୁଦ୍ର ମଞ୍ଚ ପରିଚାଳନା କରିଥିଲେ। ମାଷ୍ଟର କାଳନ୍ଦୀ ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ବା ଶରୀର ତତ୍ତ୍ୱ ଉପରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗାୟକଙ୍କ ଦ୍ୱାରା ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ୫୯ ନଂ ୱାର୍ଡ ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ, ସମାଜସେବୀ କାନନ ବିହାରୀ ନାୟକ ଓ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଗାୟକ ଅକ୍ଷୟ ବେହେରା, ବାବୁଲି ଭୋଇ ଓ ବିଚିତ୍ରାନନ୍ଦ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜଗା ଭୋଇ, ସୁନାକର ଭୋଇ, ନିରଞ୍ଜନ ଭୋଇ, ପ୍ରକାଶ ଭୋଇ, ଭରତ ଭୋଇ, ସନ୍ତୋଷ ଭୋଇ ଓ ନିହାର ରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯୁବ ପରିଷଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



## ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ବିଧାୟକ

**କଟକ,୧୭।୪(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ବଜାରରେ ପୂର୍ବ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କନ୍ଦରପୁର ବଜାରର ବିନାୟକ ବଣିକ ସଂଘ ଦ୍ୱାରା ଅନୁଷ୍ଠିତ ହେଉଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ କଟକ ସଦର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ପୂର୍ଣ୍ଣାହୁତିରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ସେହିପରି କଂଗ୍ରେସର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ ମଧ୍ୟ ଯଜ୍ଞ ମଣ୍ଡପ ବୁଲି ଯାଇଥିବା ଜଣାପଡିଛି। ବଜାର କମିଟି ଦ୍ୱାରା ଅନୁଷ୍ଠିତ ହେଉଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବଜାର କମିଟିର ବରିଷ୍ଠ ସଭ୍ୟ ହୃଦାନନ୍ଦ ପ୍ରଧାନ, ବଜାର କମିଟିର କାଳନ୍ଦୀ ଚରଣ ସ୍ୱାଇଁ, ଅଜୟ ପ୍ରଧାନ, ପ୍ରମୋଦ ରାଉତ, ସମିତିସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ହିତପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ବିଧାୟକଙ୍କ ସହିତ ୫ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମାହାଳୀ, ସଦର ବିଜେଡ଼ି ସଭାପତି ପ୍ରମୋଦ ମହାପାତ୍ର, ଯୁବ ବିଜେଡି ବ୍ଲକ ସଭାପତି ହିମାଂଶୁ ଦାସ, ଯୁବନେତା ସଞ୍ଜୟ ସାହୁ, ମାଣିଆ ବେହେରା, ଲିଟୁ ସାହୁ, ନୀତିନ ସାହୁ, କୁନ ରାଉତ, ଚନ୍ଦନ ମହାପାତ୍ର, ପ୍ରଭାକର ବେହେରା, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



## ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ବାର୍ଷିକ ଉତ୍ସବ

**ମାହାଙ୍ଗା,୧୭।୪(ସମିସ):** ମାହାଙ୍ଗା ବ୍ଲକ ନଡ଼ିଆ ସାହସପୁର ଠାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଏକ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ମନ୍ଦିରର ପରିଚାଳନା କମିଟି ସଭାପତି ପିତିଏସ୍ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମତିର ସଂଗଠନ ସଂପାଦକ ମଧୁସୂଦନ ପାତ୍ର, ସମ୍ମାନିତ ଅତିଥିଭାବେ ସିଆରସିସି ଭାସ୍କରଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ବେହୁରା, ଶ୍ରୀପତି ମହାନ୍ତି, ତ୍ରିଲୋଚନ ସାମଲ, ମାଧବାନନ୍ଦ ଦାସ, ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଜ୍ଞାନରଞ୍ଜନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚିତ୍ତରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଉତ୍ସବରେ ମହେନ୍ଦ୍ର ସିଂହ, ପୀରପ୍ରସାଦ ସାମଲ, କବିତା ସାହୁ, ସ୍ୱର୍ଣ୍ଣପ୍ରଭା ନାୟକ, ପ୍ରିୟଦର୍ଶିନୀ ପଣ୍ଡା, ଲିପି ନାୟକ, ଚନ୍ଦନା ଦାସ, ଅପର୍ଣ୍ଣା ବଳ, ମନସ୍ୱିନୀ ମହାରଣା, ରଶ୍ମିତା ସାହୁ, ରିକ୍‌ସାନ ବେଗମ୍, ସଂଯୁକ୍ତା ସାହୁ, ପଲ୍ଲିପ୍ରଭା ପ୍ରଧାନ, ସସ୍ମିତା ବେହେରା, ବିମଳ ଦାସ, ଗାୟତ୍ରୀ ଘଡେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଆଠଗଡ଼ରେ ଗଡ଼ିଲା ରୁକୁଣା ରଥ

**ଆଠଗଡ଼,୧୭।୪(ସମିସ):** କଥାରେ ଅଛି ରୁକୁଣା ରଥ ଅଣ ଲେଉଟା। ପାରମ୍ପରିକ ଭାବରେ ଏହି ରଥ ଟଣା ହୋଇ ଗଲେ ଆଉ ଫେରେନା। ଆଠଗଡ଼ ବ୍ଲକ ରାଧାଦାମୋଦର ପୁର ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଜମେଶ୍ୱର ମହାଦେବଙ୍କ ରୁକୁଣା ରଥଯାତ୍ରା ପବିତ୍ର ଅଶୋକାଷ୍ଟମୀ ତିଥିରେ ସମସ୍ତ ରୀତିନୀତି ସହିତ ସମ୍ପନ୍ନ ହୋଇଛି। ସକାଳୁ ପହଡ଼ ଫିଟା ଠାରୁ ଆରମ୍ଭ କରି କଳସ ଯାତ୍ରା, ତିନି ଧୂପ ପାଞ୍ଚ ଅବକାଶ ନୀତି ସମ୍ପନ୍ନ ହେବା ପରେ ଠାକୁର ଅଶୋକ କୁଣ୍ଡରେ ସ୍ନାନ କରି ମନ୍ଦିର ପ୍ରବେଶ କରିଥାନ୍ତି। ମନ୍ଦିର ମଧ୍ୟରେ ସମସ୍ତ ନୀତିକାନ୍ତ ଏବଂ ଅଭିଷେକ ପରେ ରୁକୁଣା ରଥରେ ବିଜେ କରନ୍ତି। ଚଳିତ ବର୍ଷ ଏହି ଯାତ୍ରାର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଠାକୁରଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରାରେ ଗ୍ରାମବାସୀ ଗ୍ରାମ ମୁରବି ଭାଗୀରଥି କରଙ୍କ ଘରକୁ ଯାଇ ସେଠାରେ ତାଙ୍କୁ ନିମନ୍ତ୍ରଣ କରିବା ସହିତ ଗୋଟିଏ ଦିନର ରାଜା ଭାବେ ଅଭିଷେକ କରାଇ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥାନ୍ତି। ପରେ ତାଙ୍କରି ଦ୍ୱାରା ରଥ ଉପରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ରଥଟଣା ହୋଇ ଠାକୁର ମାଉସୀ ଘରକୁ ଯାଇଥାନ୍ତି। ସେଠାରେ ସ୍ୱତନ୍ତ୍ର ମାଣ୍ଡୁଅ ଭୋଗ ଲାଗି ହେବା ପରେ ବିମାନରେ ଠାକୁର ଆସି ଯାତ୍ରା ପଡ଼ିଆରେ ପହଞ୍ଚିଥାନ୍ତି। ନବମୀ ଦିନ ସକାଳୁ ଚାଟେରୀ ଭୋଗ ଖାଇ ମନ୍ଦିର ପ୍ରବେଶ କରିଥାନ୍ତି। ପାଖାପାଖି ଦୁଇ ଶହ ବର୍ଷର ଏହି ଅନନ୍ୟ ପରମ୍ପରା ଓଡ଼ିଶାର ଅନ୍ୟ କୌଣସି ଜାଗାରେ ଦେଖିବାକୁ ମିଳେ ନାହିଁ। ବଂଶାନୁକ୍ରମେ ଏହି ଗ୍ରାମର ମୁରବୀ ଭାବରେ ଭାଗିରଥି କର ରଥ ଉପରେ ଛେରାପହଁରା ନୀତି କରି ଆସୁଛନ୍ତି। ବିଶ୍ୱାସ ରହିଛି, ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ କୁଣ୍ଡରେ ସ୍ନାନ କଲେ ସମସ୍ତ ରୋଗ ଶୋକ ଦୂର ହେବା ସହିତ ବନ୍ଧ୍ୟା ଦୋଷରୁ ମୁକ୍ତି ମିଳିଥାଏ। ଏହି କାର୍ଯ୍ୟକ୍ରମକୁ ଆଶୁତୋଷ କର, ଅକ୍ଷୟ ଜେନା, ଗଜେନ୍ଦ୍ର ବେଉରା, ବିନୋଦ ମାଝୀ, ଗଣେଶ୍ୱର ରଣା, ସୁଧୀର ପରିଡ଼ା, ସଞ୍ଜୟ ବେଉରା, ବିପିନ ବିହାରୀ ନାୟକ ପ୍ରମୁଖଙ୍କ ସହ ଗ୍ରାମବାସୀ ପରିଚାଳନା କରିଥିଲେ। ପୂଜକ ଜଗବନ୍ଧୁ ରଣା ସମସ୍ତ ରୀତିନୀତି ସମ୍ପନ୍ନ କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୬ ● ପାଉଣ୍ଡ ୧୦୩.୬୩
- ୟୁରୋ ୮୮.୯୬ ● ୟେନ୍ ୦.୫୪

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୭,୮୦୦ (ଭୁବନେଶ୍ୱର)
- ରୁପା : ୮୮,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୯୪୩.୦୦
- ନିଫ୍ଟି ୨୨,୧୪୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଉପଭୋକ୍ତା ସାମଗ୍ରୀ ମୂଲ୍ୟ ଆକାଶଛୁଆଁ**

# ମୁନାଫା କମାଉଛନ୍ତି ଏଫ୍‌ଏମ୍‌ସିଜି କମ୍ପାନୀ

ନୂଆଦିଲ୍ଲୀ,୧୭।୪(ଏଜେନ୍ସି)

ମହଙ୍ଗା ବଜାରକୁ ନେଇ ଚିନ୍ତାରେ ଖାଉଟି। ନିର୍ବାଚନୀ ଋତୁରେ ବଜାର ଦର ଟିକିଏ ବି କମିଲାନି କି ଖାଉଟିଙ୍କୁ ମହଙ୍ଗା ବଜାର ଦରରୁ ଆଶ୍ୱସ୍ତି ମିଳିଲାନି। ସମ୍ପ୍ରତି ଏଫ୍‌ଏମ୍‌ସିଜି ଶିଳ୍ପରେ ବ୍ୟବହୃତ ଅଧିକାଂଶ କଞ୍ଚାମାଲର ମୂଲ୍ୟ ସ୍ଥିର ରହିଛି। ଏମିତିକି ବହୁ ଉତ୍ପାଦର କଞ୍ଚାମାଲର ମୂଲ୍ୟ ହ୍ରାସ ମଧ୍ୟ ହୋଇଛି। ତେବେ କଞ୍ଚାମାଲ ମୂଲ୍ୟରେ ହେଉଥିବା ଏହି ହ୍ରାସର ଲାଭ ସାଧାରଣ ଖାଉଟିଙ୍କୁ ମିଳୁନାହିଁ। ସରଳରେ କହିବାକୁ ଗଲେ କଞ୍ଚାମାଲ ମୂଲ୍ୟରେ ହ୍ରାସ ସତ୍ତ୍ୱେ ଉତ୍ପାଦନ ଖର୍ଚ୍ଚ କମ୍ ପଡୁଥିଲେ ବି ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ଉତ୍ପାଦର ଖୁଚୁରା ମୂଲ୍ୟରେ କୌଣସି ପ୍ରକାର ହ୍ରାସ ଘଟାଉନାହାଁନ୍ତି। ଯାହାର ଲାଭ ସାଧାଣ ଖାଉଟି ପାଇପୁନାହାଁନ୍ତି। କାରଣ ଏଥିରେ ଏଫ୍‌ଏମ୍‌ସିଜି ନିର୍ମାତା ବା ଉତ୍ପାଦନକାରୀ କମ୍ପାନୀଙ୍କର ରହିଛି ବଡ଼ ଖେଳ, ଯାହାକୁ ସାଧାରଣ ଖାଉଟି ବୁଝିବା ଏବେ ସହଜ କଥା ନୁହେଁ। ଏକ ରିପୋର୍ଟ ଅନୁଯାୟୀ, ଏଫ୍‌ଏମ୍‌ସିଜି ନିର୍ମାତା ମାନେ ପ୍ରଫିଟ୍ ମାର୍ଜିନ୍ ବା ସେମାନଙ୍କର ଲାଭ ସୀମା ବଜାୟ ରଖିବା ପାଇଁ ଉତ୍ପାଦର ଖୁଚୁରା ମୂଲ୍ୟରେ ହ୍ରାସ କରୁନାହାଁନ୍ତି। ଫଳରେ ଏହାମଧ୍ୟ ସମ୍ଭବ ଯେ ନିକଟ ଭବିଷ୍ୟତରେ ଏହି କମ୍ପାନୀଗୁଡିକ ସେମାନଙ୍କର ଉତ୍ପାଦର ମୂଲ୍ୟ ବୃଦ୍ଧି କରିପାରନ୍ତି।

ଅଧିକାଂଶ ଉପଭୋକ୍ତା ସାମଗ୍ରୀ ନିର୍ମାତା ଗତ କିଛି ତ୍ରୈମାସିକ ହେବ ହୋମ୍, ପର୍ସନାଲ ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦ ବର୍ଗ ସହିତ ଜଡିତ ଦ୍ରବ୍ୟର ମୂଲ୍ୟରେ ହ୍ରାସ ଘଟାଇଛନ୍ତି। ଏହା ସତ୍ତ୍ୱେ ବଜାରରେ ଉପଭୋକ୍ତା ସାମଗ୍ରୀର ମୂଲ୍ୟ ପୂର୍ବ ଦୁଇ ବର୍ଷ ତୁଳନାରେ ଅଧିକ ରହିଛି। ଅପରପକ୍ଷେ ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀଗୁଡିକର କହିବା ହେଉଛି ଯେ, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳାରେ ବଢୁଥିବା ଖର୍ଚ୍ଚକୁ ବଜାୟ ରଖିବା ଲାଗି ବିଗତ ଦୁଇ ବର୍ଷ ହେବ ଉତ୍ପାଦ ମୂଲ୍ୟରେ ବୃଦ୍ଧି କରାଯାଇଛି। ବାସ୍ତବରେ, ଉତ୍ପାଦ ମୂଲ୍ୟ ବୃଦ୍ଧି ଜନିତ ମୁଦ୍ରାସ୍ଫୀତି କରୋନା ମହାମାରୀଠାରୁ ଆରମ୍ଭ ହୋଇଥିଲା ଏବଂ ରୁଷର ୟୁକ୍ରେନ ଉପରେ ଆକ୍ରମଣ ପରେ ଏହା ଆହୁରି ବଢ଼ିଯାଇଛି। ରିପୋର୍ଟ ଅନୁଯାୟୀ, ଏକ ବର୍ଷ ପୂର୍ବେ ଅଶୋଧିତ ତୈଳ, ପାମୋଲିନ୍ ତେଲ ଏବଂ କଫିର ମୂଲ୍ୟ ବୃଦ୍ଧି ପାଇଛି। ତେବେ କୋକୋ, କଫି ଏବଂ ଚିନିର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ବୋଷ୍ଟନ୍ କନ୍‌ସଲଟିଂ ଗ୍ରୁପର ସୂଚନାନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ପର୍ସନାଲ କେୟାର ଉତ୍ପାଦ, ଖାଦ୍ୟ ଏବଂ ପାନୀୟର ମୂଲ୍ୟ ଦ୍ୱିଗୁଣିତ ହୋଇଛି, କିନ୍ତୁ କୋଭିଡ ପରେ ଏହି ବୃଦ୍ଧି ତୀବ୍ର ହୋଇଛି। ବଜାର ବିଶେଷଜ୍ଞମାନଙ୍କ ମତରେ ଗତ ଏକ ବର୍ଷ ମଧ୍ୟରେ କଞ୍ଚାମାଲର ମୂଲ୍ୟ ହ୍ରାସ ପାଇଛି, ତେଣୁ କମ୍ପାନୀଗୁଡିକ ମାର୍ଜିନ ବା ଲାଭାଂଶ ବିସ୍ତାର ମାଧ୍ୟମରେ ଲାଭ ବଜାୟ ରଖିଛନ୍ତି। ବିଏନ୍‌ପି ପାରିବାସ ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭବିଷ୍ୟତରେ କମ୍ପାନୀଗୁଡିକ ମୂଲ୍ୟ ବୃଦ୍ଧି କରିବାକୁ ଚାହିଁବେନାହିଁ।

- **ପ୍ରଫିଟ୍ ମାର୍ଜିନ୍ ବଜାୟ ରଖିବାକୁ ମୂଲ୍ୟ କମାଉନାହାନ୍ତି**
- **ଉତ୍ପାଦନ ଖର୍ଚ୍ଚ ଢ଼େର କମିଲା, ଖସିଲାନି ଦର**
- **୧୦ ବର୍ଷରେ ପର୍ସନାଲ କେୟାର ଉତ୍ପାଦ, ଖାଦ୍ୟ, ପାନୀୟର ମୂଲ୍ୟ ଦ୍ୱିଗୁଣ ହୋଇଛି**
- **୨ ବର୍ଷରେ ଡିଟର୍‌ଜେଣ୍ଟ ମୂଲ୍ୟ ୧୫% ବଢ଼ିଛି**




ରିପୋର୍ଟ ଅନୁଯାୟୀ, ଗତ ଦୁଇ ମାସ ମଧ୍ୟରେ କେତେକ ବର୍ଗର ସୌନ୍ଦର୍ଯ୍ୟ ଏବଂ ପର୍ସନାଲ କେୟାର ଉତ୍ପାଦର ମୂଲ୍ୟ ସାମାନ୍ୟ ହ୍ରାସ ପାଇଛି, କିନ୍ତୁ ସବୁଠାରୁ ବଡ ମୂଲ୍ୟ ବୃଦ୍ଧି ପାଟିରେ ଦେଖାଯାଇଛି। ବିଗତ ଛଅ ମାସ ମଧ୍ୟରେ ଡିଟରଜେଣ୍ଟ ଏବଂ ଡିସ୍ ୱାଶ୍ ମୂଲ୍ୟ ୧୫% ହ୍ରାସ ପାଇଛି, କିନ୍ତୁ ଦୁଇ ବର୍ଷ ପୂର୍ବର ତୁଳନାରେ ଏଥିରେ ୪.୩୦% ମୂଲ୍ୟ ବୃଦ୍ଧି ଘଟିଛି। ଖାଦ୍ୟ ଏବଂ ପାନୀୟ ଉତ୍ପାଦ ବର୍ଗରେ ଖାଇବା ତେଲ ବ୍ୟତୀତ ଅନ୍ୟ ସମାଗ୍ରୀଗୁଡିକର ମୂଲ୍ୟ ଗତ ୬ ମାସ ମଧ୍ୟରେ ପ୍ରାୟତଃ ଅପରିବର୍ତ୍ତିତ ରହିଛି। ଉଦାହରଣ ସ୍ୱରୂପ, ଗତ ୬ ମାସ ମଧ୍ୟରେ ସାବୁନର ମୂଲ୍ୟ ପରିବର୍ତ୍ତନ ହୋଇନାହିଁ, କିନ୍ତୁ ଦୁଇ ବର୍ଷ ପୂର୍ବର ତୁଳନାରେ ଏବେ ବି ମୂଲ୍ୟ ୧୫-୨୦% ଅଧିକ ରହିଛି। ଅପରପକ୍ଷେ ଓରାଲ୍ କେୟାର ବର୍ଗର ଉତ୍ପାଦଗୁଡିକର ମୂଲ୍ୟ ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ ହୋଇଛି, ଯେଉଁ କାରଣରୁ ଡିସେମ୍ବର ତ୍ରୈମାସିକରେ କୋଲ୍‌ଗେଟ୍ କମ୍ପାନୀର ଇବିଆଇଟିଡିଏ ଲାଭାଂଶ ରେକର୍ଡ ସର୍ବାଧିକ ୩୩.୬% ଛୁଇଁଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଖୁଚୁରା ବଜାରରେ ଡିଟରଜେଣ୍ଟ ମୂଲ୍ୟରେ ୧୫% ବୃଦ୍ଧି ପରେ, ଗତ ତ୍ରୈମାସିକରେ ଏହି ବର୍ଗର ଉତ୍ପାଦ ମୂଲ୍ୟରେ ହ୍ରାସ ଘଟିଛି।

● ରଘୁରାମ ରାଜନ୍‌ଙ୍କ ବଡ଼ ବୟାନ୍

## ଭାରତରେ ଯୁବ ବର୍ଗ ଖୁସିନାହାଁନ୍ତି

ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ଭାରତର ଯୁବ ଉଦ୍ୟୋଗୀ ଖୁସିନାହାନ୍ତି। ବ୍ୟବସାୟ ପ୍ରତିଷ୍ଠା ପାଇଁ ସେମାନେ ଭାରତ ଛାଡି ବିଦେଶକୁ ଚାଲିଯାଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଜର୍ଜ ୱାଶିଂଟନ୍ ୟୁନିଭର୍ସିଟିଠାରେ ଏହା କହିଛନ୍ତି। ଯୁବ ଭାରତୀୟମାନଙ୍କଠାରେ 'ବିରାଟ କୋହଲିଙ୍କ ଭଳି ମାନସିକତା' ରହିଛି, ସେହି ସ୍ଥାନକୁ ଯାଆନ୍ତି ଯେଉଁଠାରେ ସେମାନେ ବଜାରକୁ ପ୍ରବେଶ କରିବା ସହଜ ମନେ କରନ୍ତି। ଯେତେବେଳେ ରାଜନଙ୍କୁ ପଚରାଗଲା ଯେ ଅନେକ ଭାରତୀୟ ନବନ୍ୱେଷକାରୀ ବର୍ତ୍ତମାନ ସିଙ୍ଗାପୁର କିମ୍ବା ସିଲିକନ ଭ୍ୟାଲିକୁ ଯାଉଛନ୍ତି, ସେତେବେଳେ ସେ କହିଥିଲେ, 'ସେମାନେ ବିଶ୍ୱସ୍ତରରେ ଅଧିକ ବିସ୍ତାର କରିବାକୁ ଚାହୁଁଛନ୍ତି। ମୁଁ ଭାବୁଛି ଏମିତି ଏକ ଯୁବ ଭାରତ ଅଛି ଯାହାର ମାନସିକତା ବିରାଟ କୋହଲିଙ୍କ ପରି।

## ହାୟର ଇଣ୍ଡିଆର ଏସ୍୮୦୦ କ୍ୟୁଟି କ୍ୟୁଏଲ୍‌ଇଡି ସିରିଜ୍

ଭୁବନେଶ୍ୱର,୧୭।୪(ସମିସ): କ୍ରମାଗତ ଭାବେ ୧୫ ବର୍ଷ ଧରି ନମ୍ବର ୧ ସର୍ବଭାରତୀୟ ବ୍ରାଣ୍ଡ ହାୟର ଆପ୍ଲାଏନ୍ସ ଇଣ୍ଡିଆ ଏହାର ସର୍ବଶେଷ ବ୍ରାଣ୍ଡ ହାୟର ଅପ୍ଲାଏନସ ସ୍ମାର୍ଟ କ୍ୟୁଏଲଇଡି ସିରିଜ୍ ଏସ୮୦୦କ୍ୟୁଟି ଉପସ୍ଥାପନ ଘୋଷଣା କରିଛି। ଘରର ମନୋରଞ୍ଜନ ଅଭିଜ୍ଞତାକୁ ବଢାଇବା ଲାଗି ଡିଜାଇନ ହୋଇଥିବା ସିରିଜ ୪କେ କ୍ୟୁଏଲଇଡି ପ୍ରଦର୍ଶନ ଓ ୪ଟି ସାଇଜ୍‌ରେ ଏହା ଉପଲବ୍ଧ ହୋଇପାରିବ। ଏହାର ମୂଲ୍ୟ ୩୮,୯୯୦ ଟଙ୍କାରୁ ଆରମ୍ଭ ହୋଇଥାଏ। ଏକ ନୂଆ ମନୋରଂଜନ ଅଭିଜ୍ଞତା, ବର୍ଦ୍ଧିତ ବୈଶିଷ୍ଟ୍ୟକୁ ନେଇ ଏହି ଉତ୍ପାଦକୁ ଆକର୍ଷଣୀୟ କରିବା ଲାଗି ହାୟର ଇଣ୍ଡିଆ ବ୍ୟାପକ ପ୍ରୟାସ କରିଛି। ଏହାର ମୂଳରେ କ୍ୱାଂଟମ ଡଟ ପ୍ରଯୁକ୍ତି ସହ ଏସ୮୦୦କ୍ୟୁଟି ସିରିଜ ଏକ ୪କେ ଡିସପ୍ଲେ ସହିତ ସଜ୍ଜିତ। ଯାହା ଗ୍ରାହକଙ୍କୁ ସେମାନଙ୍କ ପାଇଁ ସିନେମା ଦେଖିବା ମନୋରଞ୍ଜନକୁ ଉନ୍ନତ କରିବ। ହାୟର ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ଏନ. ଏସ. ସତୀଶ କହିଛନ୍ତି ଯେ ହାୟରରେ ଆମେ ଗ୍ରାହକଙ୍କ ପାଇଁ ଗୃହର ମନୋରଞ୍ଜନ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଉତ୍ସର୍ଗୀକୃତ ଓ ଉନ୍ନତ ବୈଶିଷ୍ଟ୍ୟ ପ୍ୟାକ ହୋଇଥିବା ଏସ୮୦୦କ୍ୟୁଟି କ୍ୟୁଏଲଇଡି ସିରିଜ ସହ ଆମେ ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ସୌନ୍ଦର୍ଯ୍ୟର ଏକ ସୁସଂଗତ ମିଶ୍ରଣ କରିଛୁ।

## ଶହୀଦ ନଗରରେ 'ୱି ଡିଜିଟାଲ' ଷ୍ଟୋର ଉଦ୍‌ଘାଟିତ






ଭୁବନେଶ୍ୱର,୧୭।୪(ସମିସ)

ଗ୍ୟାଜେଟ୍ ବ୍ୟବହାରକାରୀଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବା ଏବଂ ଏ କ୍ଷେତ୍ରରେ ରହିଥିବା ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟ ନେଇ ରାଜଧାନୀ ଭୁବନେଶ୍ୱର ସ୍ଥିତ ଶହୀଦ ନଗରଠାରେ ଖୋଲିଛି 'ୱି ଡିଜିଟାଲ' ଷ୍ଟୋର। ଏହି ଷ୍ଟୋରରେ ଗ୍ୟାଜେଟ୍ ପ୍ରେମୀ ବିଭିନ୍ନ ପୋର୍ଟଫୋଲିଓର ଭିନ୍ନ ଭିନ୍ନ ରେଞ୍ଜର ଉତ୍ପାଦ ଉପଲବ୍ଧ କରିପାରିବେ, ଯାହାକି ଆପଲ୍, ସାମସଙ୍ଗ ଏବଂ ୱାନ୍ ପ୍ଲସ୍ ଭଳି ନାମୀ ବ୍ରାଣ୍ଡ ଦ୍ୱାରା ପ୍ରସ୍ତୁତ। ଆହୁରିମଧ୍ୟ ଗ୍ରାହକମାନେ ଏଠାରୁ ସମସ୍ତ ପ୍ରକାର ଅଡିଓ ସଲ୍ୟୁସନ୍ କ୍ଷେତ୍ରରେ ମାର୍ଶାଲ୍, ବ୍ୟାଙ୍ଗ୍ ଆଣ୍ଡ ଓଲୁଫ୍‌ସେନ୍ ଏବଂ ବସ୍ ଭଳି ବ୍ରାଣ୍ଡର ଉତ୍ପାଦକୁ କିଣି ନେଇପାରିବେ। 'ୱି ଡିଜିଟାଲ' ଷ୍ଟୋରରେ ଏମିତି କିଛି ରହିଛି ଯାହା କି ଭୁବନେଶ୍ୱରରେ ଗ୍ୟାଜେଟ୍ ବ୍ୟବହାରକାରୀମାନେ ଏଭଳି ଅନୁଭବ କେବେ ବି ପାଇ ନ ଥିବେ। 'ୱି ଡିଜିଟାଲ'ରେ ଗ୍ରାହକ ସର୍ବଶେଷ ଟେକ୍ନୋଲୋଜି ବିଶିଷ୍ଟ ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ୍ସ ପାଇପାରିବେ। ବୁଧବାର 'ୱି ଡିଜିଟାଲ'ର ଏହି ଷ୍ଟୋରକୁ ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତାଧିକାରୀ ଅତୁଲ୍ ଦୋକାନିଆ ଏବଂ ରେୟାଂଶ ଲଲାନୀ ଉପସ୍ଥିତ ଥିଲେ। 'ୱି ଡିଜିଟାଲ' ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ମତ ଦେଇ ରେୟାଂଶ ଲଲାନୀ କହିଛନ୍ତି ଯେ, ଏହି ଭଳି ଅତ୍ୟାଧୁନିକ ଷ୍ଟୋର ଆରମ୍ଭ ଜରିଆରେ ଗ୍ୟାଜେଟ୍ ବ୍ୟବହାରକାରୀଙ୍କୁ ଏକ ଆକର୍ଷଣୀୟ କ୍ରୟ ଅନୁଭୂତି ଦେଇପାରିବୁ।

## ମସ୍କଙ୍କୁ ବଡ଼ ଝଟ୍‌କା; ପାକିସ୍ତାନରେ 'ଏକ୍ସ' ନିଷିଦ୍ଧ

ଇସଲାମାବାଦ,୧୭।୪(ଏଜେନ୍ସି)

ଶିଳ୍ପପତି ଏଲନ୍ ମସ୍କଙ୍କୁ ଲାଗିଛି ବଡ ଝଟ୍‌କା। ପାକିସ୍ତାନରେ ନିଷିଦ୍ଧ ହୋଇଛି ମାଇକ୍ରୋ ବ୍ଲଗିଂ ସାଇଟ୍ ଟ୍ୱିଟର ତଥା 'ଏକ୍ସ'। ମସ୍କଙ୍କ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'କୁ ପାକ୍ ସରକାର ନିଷିଦ୍ଧ କରିଛନ୍ତି। ଚଳିତବର୍ଷ ପାକିସ୍ତାନରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରଠାରୁ ଉପଭୋକ୍ତାମାନେ 'ଏକ୍ସ'କୁ ବ୍ୟବହାର କରିପାରୁ ନାହାଁନ୍ତି। ବର୍ତ୍ତମାନ ପାକିସ୍ତାନ ସରକାର ଏଲନ ମସ୍କଙ୍କ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇଛନ୍ତି। ଜାତୀୟ ସୁରକ୍ଷାକୁ ଆଳ କରି ପାକିସ୍ତାନ ସରକାର 'ଏକ୍ସ' ଉପରେ ଏହି ପ୍ରତିବନ୍ଧକ ଲଗାଇଛନ୍ତି। ଦେଶର ଅନେକ ୟୁଜର ମଧ୍ୟ ମାଇକ୍ରୋ ବ୍ଲଗିଂ ସାଇଟ୍ (ଭିପିଏନ) ଜରିଆରେ 'ଏକ୍ସ'ରେ ଉପରେ ଲଗାଯାଇଥିବା ନିଷେଧାଦେଶକୁ ସୁନିଶ୍ଚିତ କରିଛନ୍ତି। ତେବେ ପାକିସ୍ତାନର ସିନ୍ଧ ହାଇକୋର୍ଟ (ଏସ୍‌ଏଚ୍‌ସି) ମସ୍କଙ୍କ ମାଲିକାନାରେ ଥିବା ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସ ଉପରେ ଏହି ପ୍ରତିବନ୍ଧକକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




ରିପୋର୍ଟ ଅନୁଯାୟୀ, ଏକ ସପ୍ତାହ ମଧ୍ୟରେ ପାକିସ୍ତାନ ସରକାର ଏହା ଉପରୁ ପ୍ରତିବନ୍ଧକ ହଟାଇବାକୁ କୋର୍ଟ କହିଛନ୍ତି।

ରିପୋର୍ଟ ମୁତାବକ, ଚଳିତବର୍ଷ ଫେବୃଆରୀ ପରଠାରୁ ପାକିସ୍ତାନରେ ଟ୍ୱିଟର କାମ କରୁନାହିଁ। ସରକାରଙ୍କ ଦ୍ୱାରା ଲଗାଯାଇଥିବା ଏହି ପ୍ରତିବନ୍ଧକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅନେକ ସମୟରୁ ସସପେଣ୍ଡ ରହିବାକୁ କନଫର୍ମ କରିଛି। ଚଳିତ ବର୍ଷ ଫେବୃଆରୀରେ ଅନେକ ପାକିସ୍ତାନୀ ୟୁଜର୍ସ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ 'ଏକ୍ସ' ବ୍ୟବହାର ନ କରିପାରିବା ସମସ୍ୟାକୁ ସେୟାର କରିଛନ୍ତି। ରିପୋର୍ଟ ମୁତାବକ, ପାକିସ୍ତାନ ସରକାରଙ୍କ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ କୋର୍ଟରେ ଏକ ଆଫିଡେଭିଟ୍ ଦାଖଲ କରି 'ଏକ୍ସ' ଉପରେ ପ୍ରତିବନ୍ଧକ ଲଗାଇବା ନେଇ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଏକ୍ସର ବ୍ୟାନକୁ ନେଇ କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ । ପାକିସ୍ତାନ ସରକାରଙ୍କ ଦ୍ୱାରା କୋର୍ଟରେ ଦାଖଲ କରାଯାଇଥିବା ଏକ ସତ୍ୟପାଠ ଅନୁଯାୟୀ, 'ଏକ୍ସ' ପ୍ଲାଟଫର୍ମର ଅପବ୍ୟବହାରକୁ ନେଇ ଜାତୀୟ ସୁରକ୍ଷା ସମସ୍ୟାର ସମାଧାନ କରିବାରେ ମାଇକ୍ରୋ ବ୍ଲଗିଂ ସାଇଟ୍ ବିଫଳ ହେବା କାରଣରୁ ଏହି ନିଷେଧାଦେଶ ଜରୁରୀ ହୋଇପଡିଛି। ବର୍ତ୍ତମାନ ସୁଦ୍ଧା ଏହି ପ୍ରସଙ୍ଗରେ 'ଏକ୍ସ' ପକ୍ଷରୁ କୌଣସି ବିବୃତ୍ତି ଜାରି କରାଯାଇନାହିଁ।

**ଉତ୍ପାଦନ କମୁଛି, ଆମଦାନୀ ଦୁଇଗୁଣା**

## ଏ ବର୍ଷ ବି ଡାଲି ଦର ବଢ଼ିବ !

ନୂଆଦିଲ୍ଲୀ,୧୭।୪(ଏଜେନ୍ସି)

କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ନେଇଥିବା ଅନେକ ପଦକ୍ଷେପ ସତ୍ତ୍ୱେ ଦେଶକୁ ଡାଲି ପାଇଁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ତଥାପି ସରକାରଙ୍କୁ ବିପୁଳ ପରିମାଣର ଡାଲି ଆମଦାନୀ କରିବାକୁ ପଡିବ। ଏକ ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ଡାଲି ଆମଦାନୀ ପ୍ରାୟ ଦ୍ୱିଗୁଣିତ ହୋଇ ୩.୭୪ ବିଲିୟନ ଡ଼ଲାରରେ ପହଞ୍ଚିଛି। ଯଦିଓ ସରକାରୀ ଆକଳନ ଏ ପର୍ଯ୍ୟନ୍ତ ଆସିନାହିଁ, ତଥାପି ଜଣାପଡିଛି ଯେ ସେହି ସମୟରେ ଦେଶକୁ ପ୍ରାୟ ୪୫ ଲକ୍ଷ ଟନ୍ ଡାଲି ଆମଦାନୀ ହୋଇଥିଲା। ଗତ ବର୍ଷ ଏହି ସଂଖ୍ୟା ୨୪.୫ ଲକ୍ଷ ଟନ୍ ରହିଥିଲା।

ଘରୋଇ ବଜାରରେ ଡାଲିର ଚାହିଦା ପୂରଣ କରିବା ଏବଂ ମୂଲ୍ୟ ସ୍ଥିର ରଖିବା ପାଇଁ ବ୍ରାଜିଲ ଏବଂ ଆର୍ଜେଣ୍ଟିନା ଭଳି ନୂତନ ବଜାର ସହିତ କେନ୍ଦ୍ର ସରକାର ଦୀର୍ଘକାଳୀନ ଚୁକ୍ତିନାମା କରିଛନ୍ତି। ସରକାର ବ୍ରାଜିଲରୁ ୨୦ ହଜାର ଟନ୍ ଡାଲି ଆମଦାନୀ କରିବାକୁ



ଥିବାବେଳେ ଆର୍ଜେଣ୍ଟିନାରୁ ମଟର ଆମଦାନୀ ପାଇଁ ବୁଝାମଣା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତି ମଧ୍ୟରେ ଡାଲି ଆମଦାନୀ ପାଇଁ ସରକାର ମୋଜାମ୍ବିକ, ତାଞ୍ଜାନିଆ ଏବଂ ମିଆଁମାରର ଦ୍ୱାରସ୍ଥ ହେଲେଣି। ସାମ୍ପ୍ରତିକ ସମୟରେ ଡାଲି ଆମଦାନୀରେ ବୃଦ୍ଧି ଘରୋଇ ବଜାରରେ ଯୋଗାଣ ବୃଦ୍ଧି କରିବ, ଯାହା ମୂଲ୍ୟ ସ୍ଥିର ରଖିବାରେ ସହାୟକ ହେବ। ଏଥି ସହିତ, ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ମଟର ଏବଂ ଡାଲି ଆମଦାନୀକୁ ଶୁଳ୍କ ମୁକ୍ତ କରାଯାଇଛି। ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି, ତେଣୁ ଡାଲିର ମୂଲ୍ୟ ବୃଦ୍ଧି ଘଟିବା ସରକାରଙ୍କ ପାଇଁ ଚିନ୍ତାର ବିଷୟ। ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ, କେନ୍ଦ୍ର ସରକାର ଏପ୍ରିଲ ୧୫ ଡାଲିର ଷ୍ଟକ୍ ସୀମା ଧାର୍ଯ୍ୟ କରିଛନ୍ତି। ସରକାର ମଧ୍ୟ ହୋର୍ଡିଂ ବନ୍ଦ କରିବାକୁ ସତର୍କ ରହିବାକୁ କହିଛନ୍ତି। ସରକାରଙ୍କ ଚିନ୍ତାର କାରଣ ହେଉଛି, କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ବିଗତ ୨ରୁ ତିନି ବର୍ଷ ମଧ୍ୟରେ ଡାଲି ଉତ୍ପାଦନ ହ୍ରାସ ପାଇଛି। କୃଷି ମନ୍ତ୍ରଣାଳୟର ଆକଳନ ଅନୁଯାୟୀ ଚଳିତବର୍ଷ ଡାଲି ଉତ୍ପାଦନ ୨୩୪ ଲକ୍ଷ ଟନ୍ ହୋଇପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ଦେଶରେ ୨୬୧ ଲକ୍ଷ ଟନ୍ ଡାଲି ଉତ୍ପାଦନ ହୋଇଥିଲା।

## ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର, ୧୭।୪(ସମିସ): ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ବଞ୍ଚିତ ବର୍ଗଙ୍କ ଦୃଷ୍ଟିଶକ୍ତିର ଯତ୍ନ ନେଉଥିବା ଏକ ସଂଗଠନ କେୟାର୍ ନେତ୍ରମ୍ ସହଯୋଗିତାରେ ଡାଲମିଆ ସିମେଣ୍ଟର କଟକ କାରଖାନା- କପିଳାସ ସିମେଣ୍ଟ ୱାକର୍ସ (କେସିଡବ୍ଲ୍ୟୁ)ର ଅକ୍ୟୁପେସନାଲ ହେଲ୍‌ଥ ସେଣ୍ଟରଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ସହଜ ଓ ସୁଲଭ ଦୃଷ୍ଟିଯତ୍ନ ସେବା ଯୋଗାଇ ଦିଆଯାଇଥିଲା, ଯେଉଁଥିରେ ପାରିପାର୍ଶ୍ୱିକ ଗ୍ରାମସମୂହ ସୁନିଆପଡା, ବିଶ୍ୱାଳି, କାନପୁର, କୁଶପଡା, ଗରୁଡଗାଁ, କନମିରା, ଅମିୟଝରୀ, ବଇରି, ମାଣିଆ, ସପନପୁର, ବାରୁଣିଆ ସମେତ କେସିଡବ୍ଲ୍ୟୁ ଶ୍ରମିକ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରୁ ୯୪ଜଣ ଉପକୃତ ହୋଇଥିଲେ। ଚକ୍ଷୁ ପରୀକ୍ଷା ସମୟରେ ଦୃଷ୍ଟି ଦୋଷ ଥିବା ବ୍ୟକ୍ତିମାନଙ୍କୁ ରିଆତି ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ମୋତିଆବିନ୍ଦୁ




ଏବଂ ରେଟିନାରେ ଅସ୍ୱାଭାବିକତା ଥିବା ରୋଗୀଙ୍କୁ ଅଧିକ ଯାଞ୍ଚ ନିମନ୍ତେ ପରାମର୍ଶ ଦିଆଯିବା ସହିତ ଭୁବନେଶ୍ୱରରେ ଚିକିତ୍ସା ନିମନ୍ତେ ପଠାଯାଇଥିବା ଡେପୁଟି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ୍-କେସିଏମ୍‌ଡବ୍ଲ୍ୟୁ ଭାବେଶ ୱାଲା କହିଛନ୍ତି।

## ମିଶୋ-ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ବୁଝାମଣା ସ୍ୱାକ୍ଷର

ଭୁବନେଶ୍ୱର,୧୭।୪(ସମିସ): ଇ-ବାଣିଜ୍ୟ ବଜାର ମିଶୋ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ଓ ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱର ସହିତ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି ସହଭାଗିତା ସ୍ୱକଳ୍ପ କାର୍ଯ୍ୟକ୍ରମ ୧୦,୦୦୦ ବ୍ୟକ୍ତିଙ୍କୁ ଉପକୃତ କରିବ ବୋଲି ଜଣାଯାଇଛି, ଯେଉଁଥିରେ ୧୦୦୦ଟି ମେଣ୍ଟରଶିପ ଓ ଏଣ୍ଟରପ୍ରାଇଜ ସେଟଅପ ସମର୍ଥନ ପାଇଁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ଏହି ସହଭାଗିତାର ଅଂଶ ଭାବରେ ମିଶୋ ସ୍ୱକଳ୍ପ ଅଧିନରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ଏହାର ପ୍ଲାଟଫର୍ମରେ ସୁଗମ ଅନବୋର୍ଡିଂକୁ ସହଜ କରିବ। ଅନବୋର୍ଡ ପ୍ରକ୍ରିୟାକୁ ନେଭିଗେଟ କରିବା ଓ ସେମାନଙ୍କ ଅନଲାଇନ ବ୍ୟବସାୟକୁ ସୁଗମ କରିବା ଲାଗି ଏହା ଉତ୍ସ ଯୋଗାଇବ। ମିଶୋ ପ୍ଲାଟଫର୍ମରେ ଉନ୍ନତି ଆଣିବା ଲାଗି ଉଦ୍ୟୋଗୀମାନଙ୍କୁ ଆବଶ୍ୟକୀୟ ତାଲିମ କୌଶଳ ସହିତ ଦକ୍ଷ କରିବା ଲାଗି ଏହା ପ୍ରୟାସ କରିବ। ଏହା ବ୍ୟତୀତ ମାର୍କେଟିଂ ସେବା, ଗ୍ରାହକ ସେବା,ଅର୍ଡ଼ର ଗ୍ରହଣ ଓ ପ୍ରେରଣ ଉପରେ ତାଲିମ ପ୍ରଦାନ କରାଯିବ।

